## ସଂକ୍ଷେପରେ

### ଔଷଧ ଦୋକାନୀଙ୍କ ଅକାଳ ବିୟୋଗ

କଣିହାଁ,୧୬ା୧୦ (ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ ରେଙ୍ଗାଲି ପ୍ରକଳ୍ପ ଲକ୍ଷ୍ମୀ ବଜାରର ବ୍ୟବସାୟୀ ସୁମନ୍ତ ସାହୁ (୫୩)ଙ୍କ ଅକାଳ



ବିୟୋଗ ଘଟିଛି। ସେ ଜଣ୍ଡିସରେ ଆକ୍ରାନ୍ତ ଥିଲେ। ତାଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା। ହେଲେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଖବର ଜଣାପଡ଼ିବା ପରେ ରେଙ୍ଗାଲି ବଜାର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା। ବଣିକ ସଂଘ ପକ୍ଷରୁ ବଜାର ବନ୍ଦ ରଖାଯାଇ ଶୋକବ୍ୟକ୍ତ କରାଯାଇଥିଲା। ବରିଷ୍ଠ ଭାଜପା ନେତା ଜଗମୋହନ ପ୍ରଧାନ, ଓଏଚ୍‌ପିସିର ବରିଷ୍ଠ ସାଧାରଣ ପରିଚାଳକ ରଞ୍ଜନ କୁମାର ପରିଡ଼ା, ଅନୁଗୋଳ ଜିଲା ପରିଷଦ ଉପସଭାପତି ରଶ୍ମିତା ସେଠୀ, ବଣିକ ସଂଘ ସଭାପତି ଶତ୍ରୁଘ୍ନ ପ୍ରଧାନ, ସମ୍ପାଦକ ଅକ୍ଷୟ ସାହୁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ସାମାଜିକ କର୍ମୀ ପ୍ରମୁଖ ମୃତ ବ୍ୟବସାୟୀଙ୍କ ରେଙ୍ଗାଲି ବଜାର ବାସଗୃହଠାରେ ପହଞ୍ଚି ଶେଷ ଦର୍ଶନ କରିଥିଲେ।

# ପୋଲିସ କବ୍‌ଜାରେ ଲୁଟେରା ଗ୍ୟାଙ୍ଗର ୩ ସଦସ୍ୟ

- ଫାଇନାନ୍ସ କର୍ମଚାରୀଙ୍କୁ କରୁଥିଲେ ଟାର୍ଗେଟ
- ମାରଣାସ୍ତ୍ର ସହ ଦେଢ଼ ଲକ୍ଷ ଟଙ୍କା ଜବତ

ଅନୁଗୋଳ, ୧୬ା୧୦ (ଅମିତ କୁମାର ସାମଲ)



ଖବରଦାତା ସମ୍ମିଳନୀରେ ଗିରଫ ଅଭିଯୁକ୍ତମାନଙ୍କୁ ପୋଲିସ ହାଜର କରାଇଛି।

ଅନୁଗୋଳ ସଦର ଥାନା ପୋଲିସ ହାତରେ ଧରାପଡ଼ିଛନ୍ତି ଲୁଟେରା ଗ୍ୟାଙ୍ଗର ୩ ସଦସ୍ୟ। ଟଙ୍କା ଆଦାୟ କରି ଫେରୁଥିବା ଫାଇନାନ୍ସ କର୍ମଚାରୀମାନଙ୍କୁ ଏମାନେ ଟାର୍ଗେଟ୍ କରୁଥିଲେ। ଗିରଫ ଅଭିଯୁକ୍ତମାନେ ହେଲେ କାଙ୍ଗୁଲା ନୂଆ ତିଆରିସାହିର ସୁବଳ ସେଠୀ(୨୭), ମୂଷାପାପୁଲି ଗ୍ରାମ ତଅଁଳାସାହିର ବେଙ୍ଗ ଓରଫ ପିଣ୍ଟୁ ବେହେରା(୨୦) ଓ ମୂଷାପାପୁଲି ଗ୍ରାମ ନାଏକସାହିର କାଳିଆ ଓରଫ କୃଷ୍ଣ ନାଏକ(୨୩) ପୋଲିସ ଏମାନଙ୍କ ନିକଟରୁ ଗୋଟିଏ ଭୁଜାଲି, ଛୁରି, ନଗଦ ୧ ଲକ୍ଷ ୪୪ ହଜାର ୨ଶହ ଟଙ୍କା ଓ ଏକ ବାଇକ୍ (ନଂ. ଓଡି୧୯ଡବ୍ଲ୍ୟୁ-୪୫୮୭) ଜବତ କରିଥିବା ଅନୁଗୋଳ ଏସ୍‌ଡିପିଓ ରମାକାନ୍ତ ମାହାଳିକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଖବରଦାତା ସମ୍ମିଳନୀରେ ଥାନା ଅଧିକାରୀ ଧୀରେନ ବେହେରା କହିଛନ୍ତି, ଗତ ୧୧ ତାରିଖରେ କାଙ୍ଗୁଲା ମୁଣ୍ଡିଆସାହିରେ ଏକ ଘରୋଇ ଫାଇନାନ୍ସ କମ୍ପାନୀର କର୍ମଚାରୀ ସିଦ୍ଧାନ୍ତ ସାମଲ ଓ ଶିବାନନ୍ଦ ସାମଲ ଟଙ୍କା ଆଦାୟ କରି ଫେରୁଥିଲେ। ଏହି ସମୟରେ ୩ ଜଣ ଦୁର୍ବୃତ୍ତ ପିଛା କରି ଭୟଭୀତ କରାଇ ଆଦାୟ ହୋଇଥିବା ୨ ଲକ୍ଷ ୩୯ ହଜାର ୯୦୬ ଟଙ୍କା ଝାମ୍ପି ନେଇଥିଲେ। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ନଂ. ୫୫୦/୨୩ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ମାଷ୍ଟରମାଇଣ୍ଡ ଥିବା ସୁବଳ ଫାଇନାନ୍ସ କର୍ମଚାରୀଙ୍କ ଉପରେ ନଜର ରଖିଥିଲେ। ପରେ ଫୋନ୍ ଯୋଗେ କାଳିଆଙ୍କୁ ଡାକିଥିଲେ। ଏହାପରେ କାଳିଆ ମୂଷାପାପୁଲିରୁ ବେଙ୍ଗଙ୍କୁ ଧରି କାଙ୍ଗୁଲାରେ ପହଞ୍ଚିଥିଲେ। ସମ୍ପୃକ୍ତ ୩ ଜଣ ମୁହଁରେ ରୁମାଲ୍ ବାନ୍ଧି ଓ ମୁଣ୍ଡରେ ହେଲମେଟ୍ ପିନ୍ଧି ଫାଇନାନ୍ସ କମ୍ପାନୀର କର୍ମଚାରୀଙ୍କୁ ପ୍ରାୟ ୨ ଘଣ୍ଟା ଧରି ପିଛା କରିଥିଲେ। ଏହାପରେ କାଙ୍ଗୁଲା ମୁଣ୍ଡିଆସାହି ନିକଟରେ ଟଙ୍କା ଝାମ୍ପି ନେଇ ଚମ୍ପଟ ମାରିଥିଲେ। ଏହାପରେ ସେମାନେ ଉକ୍ତ ଟଙ୍କାକୁ ଭାଗବଣ୍ଟା କରିଥିଲେ। ସୁବଳ ଓ କାଳିଆ ୮୫ ହଜାର ଟଙ୍କା ନେଇଥିବାବେଳେ ବେଙ୍ଗଙ୍କୁ ୬୦ ହଜାର ଟଙ୍କା ଦେଇଥିଲେ। ପୋଲିସ ସୁବଳଙ୍କ ପାଖରୁ ୫୦ ହଜାର ୩ଶହ ଟଙ୍କା, ବେଙ୍ଗଙ୍କ ନିକଟରୁ ୩୦ ହଜାର ଓ କାଳିଆଙ୍କ ନିକଟରୁ ୬୩ ହଜାର ୯ଶହ ଟଙ୍କା ପୋଲିସ ଜବତ କରିଛି। ମୁଖ୍ୟ ଅଭିଯୁକ୍ତ ସୁବଳଙ୍କ ନାମରେ ଅନୁଗୋଳ ଜିଲା ଓ ଢେଙ୍କାନାଳ ଜିଲାରେ ୧୨ଟି ମାମଲା ରହିଛି। ସେହିଭଳି କାଳିଆଙ୍କ ନାମରେ ୨ଟି ଓ ବେଙ୍ଗଙ୍କ ନାମରେ ଗୋଟିଏ ମାମଲା ରହିଛି। ସୂଚନାଯୋଗ୍ୟ, ଗତ ସେପ୍ଟେମ୍ବର ୧୯ରେ ଜିଲାର ବିଭିନ୍ନ ଥାନା ଅଞ୍ଚଳରୁ ଫାଇନାନ୍ସ କମ୍ପାନୀର କର୍ମଚାରୀଙ୍କୁ ଲୁଟ୍ କରିଥିବା ୮ ଜଣିଆ ଗ୍ୟାଙ୍ଗକୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା।

# କ୍ରାନ୍ତିକାରୀ ଶ୍ରମିକ ସଂଘ ଗଠନ

ତାଳଚେର,୧୬ା୧୦(ମନୋଜ ନନ୍ଦ)

ଶ୍ରମିକ ଏକତା ରକ୍ଷା କରିବା ଓ ଶ୍ରମିକଙ୍କ ସମସ୍ୟା ଦୂର କରିବା ନେଇ ନୂତନ ଭାବେ କ୍ରାନ୍ତିକାରୀ ଶ୍ରମିକ ସଂଘ ଗଠନ କରାଯାଇଛି। ଏହି ଅବସରରେ ସଂଘର ପ୍ରଥମ ବୈଠକ କଣିହାଁ ବ୍ଲକ ସମଲସ୍ଥିତ ବିଷ୍ଣୁ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ରଞ୍ଜିତ କୁମାର ମହାପାତ୍ର, କାର୍ଯ୍ୟକାରୀ ସଭାପତି ଭାବେ ପ୍ରଦୀପ କୁମାର ବେହେରା, ଉପସଭାପତି ଭାବେ ସୁଶାନ୍ତ ନାୟକ, ସାଧାରଣ ସମ୍ପାଦକ ଭାବେ ପଙ୍କଜ କୁମାର ନାୟକ, ସହ ସମ୍ପାଦକ ଭାବେ ସଞ୍ଜୟ କୁମାର ବେହେରା, କୋଷାଧ୍ୟକ୍ଷ ଭାବେ ନରେନ୍ଦ୍ର କୁମାର ସାହୁ ଏବଂ ସମୀକ୍ଷକ ଭାବେ ଆଶୋକ କୁମାର ପୁର୍ତ୍ତିଙ୍କୁ ଚୟନ କରାଯାଇଥିଲା। ଆଗାମୀ ଦିନରେ ଶ୍ରମିକମାନଙ୍କୁ ସମାନ କାମକୁ ସମାନ ଦରମା, ପ୍ରତ୍ୟେକ ଶ୍ରମିକଙ୍କ ସମସ୍ୟା ସମାଧାନ, ସରକାରୀ ଓ ବେସରକାରୀ ଶ୍ରମିକଙ୍କ ଅଧିକାରର ଲଢ଼େଇ ଏବଂ ସ୍ଥାନୀୟ କଳକାରଖାନା ତଥା ସରକାରୀ ଓ ବେସରକାରୀ ଶିଳ୍ପ ସଂସ୍ଥାରେ ସ୍ଥାନୀୟ ଯୁବତୀ ଯୁବକମାନଙ୍କୁ ନିଯୁକ୍ତି ଉପରେ ଗୁରୁତ୍ୱ ଦିଆଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏହି ବୈଠକରେ ସଂଘର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।




ବୈଠକରେ ଉପସ୍ଥିତ ସଂଘର ସମସ୍ତ ସଦସ୍ୟ।

# ୨୧ ଅଭିଯୋଗର ଫଇସଲା

ଅନୁଗୋଳ,୧୬ା୧୦ (ଅମିତ କୁମାର ସାମଲ)

ଅନୁଗୋଳ ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ସୋମବାର ଜିଲାସ୍ତରୀୟ ମିଳିତ ଜନଶୁଣାଣି ଶିବିର ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଆରକ୍ଷୀ ଅଧୀକ୍ଷକ ସୁଧାଂଶୁ ଶେଖର ମିଶ୍ର ଯୋଗ ଦେଇଥିଲେ। ଦାଖଲ ହୋଇଥିବା ସମୁଦାୟ ୧୬୩ ଅଭିଯୋଗରୁ ୧୪୫ଟି ବ୍ୟକ୍ତିଗତ ଓ ୧୮ଟି ଗ୍ରାମ୍ୟ ଭିତ୍ତିକ ଅଭିଯୋଗର ଶୁଣାଣି କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲାପାଳ ପରାମର୍ଶ ଦେଇଥିଲେ। ଏହାଛଡା ଦାଖଲ ହୋଇଥିବା ୧୬୩ ଅଭିଯୋଗ ମଧ୍ୟରୁ ୨୧ଟିର ଫଇସଲା ଶିବିରରେ କରାଯାଇଥିଲା। ରେଡ୍‌କ୍ରସ୍ ପାଣ୍ଠିରୁ ଜଣଙ୍କୁ ୫ ହଜାର ଟଙ୍କାର ଚିକିତ୍ସା ସହାୟତା ପ୍ରଦାନ କରାଯାଇଥିଲା। ଏହି ଶିବିରକୁ ଆସିଥିବା ଲୋକମାନେ ଗ୍ରାମ୍ୟରାସ୍ତା, ସ୍ୱାସ୍ଥ୍ୟ, ଭିନ୍ନକ୍ଷମ ସହାୟତା, ଜମିଜମା ସମ୍ବନ୍ଧୀୟ, ପାରିବାରିକ କଳହ ସମସ୍ୟା ସମେତ ବିଭିନ୍ନ ଅଭିଯୋଗ ଦାଖଲ କରିଥିଲେ। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର, ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂହ, ଅନୁଗୋଳ ଉପଜିଲାପାଳ ବରଣ୍ୟେନ୍ଦୁ ମହାନ୍ତି, ଡେପୁଟି କଲେକ୍ଟର ମଧୁସ୍ମିତା ବିଶି, ଡେପୁଟି କଲେକ୍ଟର ମିନର୍ଭା ନାୟକଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

# କାର୍ ଧକ୍କାରେ ବ୍ୟବସାୟୀ ମୃତ, ଉତ୍ତେଜନା

ଅନୁଗୋଳ, ୧୬ା୧୦ (ଅମିତ କୁମାର ସାମଲ)

ଅନୁଗୋଳ ସଦର ଥାନା ଛେଳିଆପଡ଼ା ଛକରେ ଏକ ସଡ଼କ ଦୁର୍ଘଟଣାରେ ବଅଁରପାଳ ଥାନା ଫୁଲପଡ଼ା ଖଳିନାଳ ସାହିର ଅକ୍ଷୟ କୁମାର ନାଏକ(୪୫)ଙ୍କ ମୃତ୍ୟୁ ହୋଇଛି। ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିଲା। ଉତ୍ତ୍ୟକ୍ତ ଲୋକେ ସାଢ଼େ ୫ ଘଣ୍ଟା ଧରି ରାସ୍ତାରୋକୋ କରିବାରୁ ଅନୁଗୋଳ-ମହୀଧରପୁର ରାସ୍ତାରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ସୂଚନା ଅନୁଯାୟୀ, ଅକ୍ଷୟ ତାଙ୍କ କବାଡି ବ୍ୟବସାୟ ସାରି ମୋଟରସାଇକେଲ (ନଂ ଓଡି ୧୯ ବି-୭୪୭୪)ରେ ଘରକୁ ଫେରୁଥିଲେ। ଏହି ସମୟରେ ଅନୁଗୋଳରୁ ଦ୍ରୁତ ଗତିରେ ଯାଉଥିବା ଏକ କାର୍ (ନଂ. ଓଡି ୨୦ସି-୦୧୧୧) ଅକ୍ଷୟଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ପ୍ରାଣବାୟୁ ଉଡ଼ି ଯାଇଥିଲା। ଦୁର୍ଘଟଣା ପରେ ଗାଡ଼ି ଛାଡ଼ି କାର୍ ଚାଳକ ଓ ସେଥିରେ ଥିବା ୨ଜଣ ବ୍ୟକ୍ତି ଫେରାର୍ ହୋଇଯାଇଥିଲେ। ଖବରପାଇ ମୃତକଙ୍କ ପରିବାର ଲୋକେ ପହଞ୍ଚି ରାସ୍ତା ଉପରେ ମୃତଦେହ ରଖି ଆନ୍ଦୋଳନ କରିଥିଲେ। ପୋଲିସ ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା। ଘଟଣା ସମ୍ପର୍କରେ ଅଧିକ ତଦନ୍ତ ଚାଲିଥିବା ଥାନା ଅଧିକାରୀ ଧୀରେନ ବେହେରା ସୂଚନା ଦେଇଛନ୍ତି।




ଦୁର୍ଘଟଣାଗ୍ରସ୍ତ ହୋଇଥିବା ବାଇକ୍ ଓ କାର୍।

# ବାଲ୍ୟବିବାହ ବିରୋଧରେ ଦସ୍ତଖତ ସଂଗ୍ରହ

ବଇଣ୍ଡା,୧୬ା୧୦(ପରିକ୍ଷିତ ସାହୁ)

କୈଳାଶ ସତ୍ୟାର୍ଥୀ ଚିଲଡ୍ରେନ୍ସ ଫାଉଣ୍ଡେଶନ ସହାୟତାରେ ବିଶ୍ୱ ଯୁବକେନ୍ଦ୍ର ବାଣିଶାଳୀ ଦ୍ୱାରା ପରିଚାଳିତ 'ଆକ୍ସେସ ଟୁ ଜଷ୍ଟିସ' ତରଫରୁ ଚାଲିଥିବା ବାଲ୍ୟବିବାହ ନିରୋଧି ଅଭିଯାନ ଅବସରରେ ସୋମବାର ବଇଣ୍ଡା ରେଳ ଷ୍ଟେଶନଠାରେ ଏକ ଦସ୍ତଖତ ସଂଗ୍ରହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଷ୍ଟେଶନରେ ଅଟକୁଥିବା ସମ୍ବଲପୁର ଇଣ୍ଟରସିଟି, ରାଉରକେଲା-ଭୁବନେଶ୍ୱର ଇଣ୍ଟରସିଟି ଓ ଭୁବନେଶ୍ୱର-ବଲାଙ୍ଗୀର ଇଣ୍ଟରସିଟି ଟ୍ରେନରେ ଯାତ୍ରା ପାଇଁ ଆସୁଥିବା ବଇଣ୍ଡା, କିଶୋରନଗର ଓ ଆଠମଲ୍ଲିକ ଅଞ୍ଚଳର ଯାତ୍ରୀମାନଙ୍କ ଦସ୍ତଖତ ସଂଗ୍ରହ କରାଯାଇ ସଚେତନତା କରାଯିବା ସହ ବାଲ୍ୟବିବାହ ବନ୍ଦ କରିବା ପାଇଁ ବିଶ୍ୱ ଯୁବକେନ୍ଦ୍ର ତରଫରୁ ପ୍ରଚାରପତ୍ର ବଣ୍ଟନ କରାଯାଇଥିଲା। ରେଳ ଷ୍ଟେଶନ କର୍ତ୍ତୃପକ୍ଷ ସହଯୋଗ କରିଥିଲେ। ବିଶ୍ୱ ଯୁବକେନ୍ଦ୍ର ତରଫରୁ ପୂଜା ସ୍ୱାଇଁ, ଦୀପକ ସାହୁ ଉପସ୍ଥିତ ଥିଲେ। ଅଭିଷେକ ମହାପାତ୍ର ପରିଚାଳନା କରିଥିଲେ।




ବଇଣ୍ଡା ରେଳ ଷ୍ଟେଶନଠାରେ ଦସ୍ତଖତ ସଂଗ୍ରହ କରାଯାଉଛି।

# ବଜ୍ରକୁଟରେ ଜନସମ୍ପର୍କ ପଦଯାତ୍ରା

କଣିହାଁ,୧୬ା୧୦ (ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ବଜ୍ରକୁଟ ପଞ୍ଚାୟତଠାରେ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସାଧାରଣ ସମ୍ପାଦକ ହିମାଚଳ ପଣ୍ଡାଙ୍କ ନେତୃତ୍ୱରେ ଆୟୋଜିତ ପଦଯାତ୍ରାରେ ମୁଖ୍ୟ ଅତିଥି ଭାବେ ପାଲଲହଡା ବିଧାୟକ ମୁକେଶ କୁମାର ପାଲ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ସୁଫଳ କିପରି ଜନସାଧାରଣ ପାଇପାରିବେ ସେ ବିଷୟରେ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ଅନୁଗୋଳ ଜିଲା ସହ ପର୍ଯ୍ୟବେକ୍ଷକ କୁନବିହାରୀ ଦାସ, ଜିଲା ପରିଷଦ ଉପସଭାପତି ରଶ୍ମିତା ସେଠୀ, କଣିହାଁ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଉପାଧ୍ୟକ୍ଷା ଜୟନ୍ତୀ ସାହୁ, କଣିହାଁ ବ୍ଲକ ବିଜେଡି ସଭାପତି କୈଳାଶ ଚନ୍ଦ୍ର ସାହୁ ଯୋଗ ଦେଇଥିଲେ। ବ୍ଲକ ଯୁବ ବିଜେଡି ସଭାପତି ଗଗନ ରାଉତ, ଛାତ୍ର ବିଜେଡି ସଭାପତି ସଞ୍ଜୟ ସାମଲ, ପାଲଲହଡା ନିର୍ବାଚନମଣ୍ଡଳୀ ଯୁବ ବିଜେଡି ସଭାପତି ସୁବାସ ମହାନ୍ତି, ବଜ୍ରକୁଟ ସରପଞ୍ଚ ପ୍ରଦୀପ ସାହୁ, ସମିତି ସଭ୍ୟ ସୀମାଞ୍ଚଳ ପଣ୍ଡା, ବାଲିପଶି ସରପଞ୍ଚ ହାଡିବନ୍ଧୁ ସେଠୀ, ସମିତି ସଭ୍ୟା ସଂଯୁକ୍ତା ନାଏକ, କୁଲୁମା ସରପଞ୍ଚ ଦୀପି ବେହେରା, ଦଲକ ସମିତି ସଭ୍ୟ ଦୀପକ ସେଠୀ, କଣିହାଁ ବ୍ଲକ କଳା ସଂସ୍କୃତି ସଂଘ ଉପ ସଭାପତି ମହେଶ୍ୱର ସାମଲ, ସମବାୟ ନିର୍ଦ୍ଦେଶକ କରୁଣାକର ପ୍ରଧାନ ପ୍ରମୁଖ ଯୋଗଦେଇ ଥିଲେ। ପଞ୍ଚାୟତ ବିଜେଡି ସଭାପତି ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ମହର୍ଗା ସ୍ୱାଇଁ, ଜୟନ୍ତ ପ୍ରଧାନ, ଜିତେନ୍ଦ୍ର ବିଶ୍ୱାଳ, ପ୍ରଶାନ୍ତ ସାହୁ, ପ୍ରଦୀପ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।



ଜନସମ୍ପର୍କ ପଦଯାତ୍ରାରେ ବିଜେଡି ନେତା ଓ କର୍ମୀମାନେ।

# ଷ୍ଟାଡିୟମରେ ରକ୍ତଦାନ ଶିବିର

ତାଳଚେର,୧୬ା୧୦(ମନୋଜ ନନ୍ଦ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୮ତମ ଜନ୍ମଦିବସ ଅବସରରେ ତାଳଚେର ସାଉଥବଲଣ୍ଡାସ୍ଥିତ ବ୍ଲାକ୍ ଡାଇମଣ୍ଡ ଷ୍ଟାଡିୟମଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ୨୦ନଂ. ଜିଲା ପରିଷଦ ସଦସ୍ୟା ତଥା ସାମାଜିକ କର୍ମୀ ରୀତାରାଣୀ ଦାସଙ୍କ ନେତୃତ୍ୱରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଏହି ଶିବିରକୁ ଉଦ୍‌ଘାଟନ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଅନୁଗୋଳ ସଂଯୁକ୍ତ ସମବାୟ ବ୍ୟାଙ୍କ ସଭାପତି ସନ୍ତୋଷ କୁମାର ପ୍ରଧାନ, ଓଆଇଏସ୍‌ଏଫ୍ ଇନ୍ସପେକ୍ଟର ମହମ୍ମଦ ସରାଫତ, ସବ୍‌ଇନ୍ସପେକ୍ଟର ଜୟନ୍ତ କୁମାର ଜେନା, ୨୧ନଂ. ଜିଲା ପରିଷଦ ସଦସ୍ୟା ସତ୍ୟଭାମା ସାହୁ, ଆତ୍ମା ଭଗବାନ ସେବା ସମିତି ସଂଯୋଜକ ବ୍ରହ୍ମାନନ୍ଦ ସାହୁ ଯୋଗଦେଇଥିଲେ। ଓଡ଼ିଶା ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ, ତାଳଚେର ବିଜୁ ଜନତା ଦଳ ଓ ଆତ୍ମା ଭଗବାନ ସେବା ସମିତି ସହଯୋଗ କରିଥିଲେ। ତାଳଚେର ବ୍ଲଡ ବ୍ୟାଙ୍କର ସଙ୍ଗଠକ ବଳରାମ ପତି, ଯୋଗେନ୍ଦ୍ର ବେହେରା, ଟେକ୍ନିସିଆନ କୁମୁଦ ସାହୁ, ଗୋପାଳଚନ୍ଦ୍ର ବେହେରା, ଷ୍ଟାଫନର୍ସ ପଦ୍ମିନୀ ସାହୁ, ରାଜକିଶୋର ପ୍ରଧାନ, ଚନ୍ଦ୍ରମଣି ନାଏକ, ଓଆଇଏସ୍‌ଏଫ୍‌ର ଅକ୍ଷୟ ବେହେରା, ସନ୍ଦିପ ବିଶ୍ୱାଳ, ସନ୍ତୋଷ କୁମାର ସେଠୀ, ଚନ୍ଦନ କୁମାର ବେହେରା, ବିଜୁ ଜନତା ଦଳର ଶଙ୍କର ବାରିକ, ପରାକ୍ରମ ଅମ୍ବ, ପପୁନ ଦାସ, ମୀରା ଦେବୀ, ରାଜଲକ୍ଷ୍ମୀ ଜେନା ପ୍ରମୁଖ ଏହାକୁ ପରିଚାଳନା କରିଥିଲେ। ଏହି ଶିବିରରେ ମୋଟ ୫୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।



ଶିବିରରେ ବିଧାୟକ ଜଣେ ରକ୍ତଦାତାଙ୍କୁ ଉତ୍ସାହିତ କରୁଛନ୍ତି।

# ଫୁଟ୍‌ବଲ ଟୁର୍ନାମେଣ୍ଟ: ଜିଲିଣ୍ଡା ଚାମ୍ପିୟନ

ତାଳଚେର,୧୬ା୧୦(ମନୋଜ ନନ୍ଦ)

ତାଳଚେର ଦେଉଳବେଡ଼ାସ୍ଥିତ ଗ୍ରୀନ ଗ୍ରାସ ଷ୍ଟାଡିୟମଠାରେ ଶହୀଦ ମେମୋରିଆଲ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ଜିଲିଣ୍ଡା ଟିମ୍ ଏବଂ ନରହରିପୁର ଟିମ ମଧ୍ୟରେ ଖେଳାଯାଇଥିଲା। ଏହି ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ମ୍ୟାଚରେ ଜିଲିଣ୍ଡା ଟିମ୍ ନରହରିପୁରକୁ ୧-୦ ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଲିଙ୍ଗରାଜ ଏରିଆ ଜିଏମ୍ ସୁବ୍ରତ ବିଶ୍ୱାଳ, ଏଚ୍‌ଏମ୍‌ଏସ୍ ସାଧାରଣ ସମ୍ପାଦକ ସୁବାସ ସାହୁ, ଶୋଭାଗିନୀ ଦାସ, ପ୍ରକଳ୍ପ ଅଧିକାରୀ ବି.କେ. ପ୍ରଧାନ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ପୁରସ୍କାର ପ୍ରଦାନ କରିଥିଲେ। ଗ୍ରୀନ ଗ୍ରାସ କ୍ଲବ ସଭାପତି ହରେଶ ଦାସ, ସମ୍ପାଦକ ଚନ୍ଦନ ପ୍ରଧାନ, ପ୍ରହଲ୍ଲାଦ ପ୍ରଧାନ ପ୍ରମୁଖ କ୍ରୀଡ଼ା ପରିଚାଳନା କରିଥିଲେ।



ଅତିଥିଙ୍କ ସହ ଚାମ୍ପିୟନ ଦଳର ଖେଳାଳିମାନେ।

# ରକ୍ତ ସଂଗ୍ରହ, ରୋଗୀଙ୍କୁ ଫଳ ବଣ୍ଟନ

ଛେଣ୍ଡିପଦା,୧୬ା୧୦(ଅଜିତ ଧଳ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୮ତମ ଜନ୍ମଦିବସ ଅବସରରେ ଛେଣ୍ଡିପଦା ବ୍ଲକର କୋଶଳା ଓ କୋରଡାଠାରେ ୨ଟି ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଜୁ ଜନତା ଦଳ ଓ ବିଜୁ ଯୁବ ଜନତା ଦଳର ମିଳିତ ସହଯୋଗରେ ଓଡ଼ିଶା ମୋ ପରିବାର ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଶିବିରରେ ମୋଟ ୧୮୩ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା ଉପସ୍ଥିତ ରହି ସମସ୍ତ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ବସୁଧା ଯୋଜନା (ଗ୍ରାମୀଣ) ର ଉପଦେଷ୍ଟା ତଥା ବିଜୁ ଯୁବ ଜନତା ଦଳର ଜିଲା ସଭାପତି ଦିନେଶ ପ୍ରଧାନ, ଜିଲା ପରିଷଦ ସଦସ୍ୟ ପ୍ରଦୀପ କୁମାର ସାହୁ, ବ୍ଲକ ଅଧ୍ୟକ୍ଷା ସୁମିତ୍ରା ସାହୁ, ବ୍ଲକ ବିଜେଡି ସଭାପତି ଶରତ ଗଡ଼ନାୟକ, ଟି. କୋଡାସାହି ସରପଞ୍ଚ ପ୍ରିୟଙ୍କା ସାହୁ, ନିଶା ସରପଞ୍ଚ ରାମଚନ୍ଦ୍ର ବେହେରା, ବରିଷ୍ଠ ବିଜେଡି ନେତା ବିଭୂତି ଗଡନାୟକ, କୁଶକିଳା ସମିତିସଭ୍ୟ ସହଦେବ ସାହୁ, ନିର୍ବାଚନ ମଣ୍ଡଳୀ ଯୁବ ବିଜେଡି ସଭାପତି ସତ୍ୟବ୍ରତ ଦେହୁରୀ ସାମିଲ ହୋଇଥିଲେ। ଏହି ଶିବିରକୁ ବିଜେଡି ନେତା ଅମ୍ବିକା ବେହେରା, ସାରଥୀ ସାହୁ, ପ୍ରଭାସ ସାହୁ, ରଞ୍ଜନ ନାଏକ, ସନ୍ତୋଷ ଦେହୁରୀ, ରବି ସାହୁ, ଅଶୋକ ଜେନା, ଅଲେଖ ପ୍ରଧାନ, ଟୁକୁ ବେହେରା, ବଶିଷ୍ଠ ବେହେରା, ସୁଶାନ୍ତ ଜେନା, କୁମୁଦ ସାହୁ, କେଦାର ଜେନା, ପ୍ରଦୀପ ସାହୁ, ଯୁଗଳ ବେହେରା, ସିଲୁ ଜେନା, ଲିକୁ ଜେନା, ରିଙ୍କୁ ଜେନା, ସିପୁ ସାହୁ, ପିଣ୍ଟୁ ଜେନା, ଶିବ ବେହେରା, ବ୍ଲକ ବିଜୁ ଜନତା ଦଳ ଓ ବିଜୁ ଯୁବ ଛାତ୍ର ମହିଳା ଜନତା ଦଳର କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ। ଏହି ପରିପ୍ରେକ୍ଷୀରେ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ବୃଦ୍ଧାଶ୍ରମରେ ଫଳ ବଣ୍ଟନ କରାଯାଇଥିଲା।




ରକ୍ତଦାତାମାନଙ୍କୁ ବିଧାୟକ ଉତ୍ସାହିତ କରୁଛନ୍ତି।

## ନଦୀରୁ ମୃତଦେହ ଜବତ

କାମାକ୍ଷାନଗର,୧୬।୧୦(ସୁଧୀର ପରିଡ଼ା)

ଢେଙ୍କାନାଳ ଜିଲା କମାକ୍ଷାନଗର ବ୍ଲକ ତୁମୁସିଙ୍ଗା ଥାନା ପଣ୍ଡୁଆ ଫାଣ୍ଡି ପୋଲିସ ସୋମବାର ବ୍ରାହ୍ମଣୀ ନଦୀ ଗୋଙ୍ଗୁଟିଆ ଘାଟରୁ ଜଣେ ବୃଦ୍ଧାଙ୍କ ମୃତଦେହ ଜବତ କରିଛି। ମୃତକ ହେଲେ ମୋଟଗାଁ ଥାନା ହଳଦିଆବାହାଲ ଗ୍ରାମର କୁନ୍ତଳା ରାଉତ (୬୩)। ପୋଲିସ କହିଛି, କୁନ୍ତଳା ଗତ ୧୧ ତାରିଖରୁ ନିଖୋଜ ଥିଲେ। ଏ ନେଇ ପରିବାର ଲୋକେ ଥାନାର ଦ୍ୱାରସ୍ଥ ହୋଇଥିଲେ। ସୋମବାର କୁନ୍ତଳାଙ୍କ ମୃତଦେହ ବ୍ରାହ୍ମଣୀ ନଦୀରେ ଭାସୁଥିବା ସ୍ଥାନୀୟ ଲୋକେ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିବା ଫାଣ୍ଡି ଅଧିକାରୀ ସମରେନ୍ଦ୍ର ସାମଲ ସୂଚନା ଦେଇଛନ୍ତି।

## ଆର୍ମି କ୍ୟାଣ୍ଟିନ ଆଗରୁ ଗାଡ଼ି ଚୋରି

ଅନୁଗୋଳ,୧୬।୧୦(ଅମିତ କୁମାର ସାମଲ)

ଅନୁଗୋଳ ସହର ଆର୍ମି କ୍ୟାଣ୍ଟିନ୍ ସମ୍ମୁଖରୁ ଗାଡ଼ି ଚୋରି ହୋଇଛି। ଏ ନେଇ ଜରପଡ଼ା ଅଞ୍ଚଳର ଅବିନାଶ ପୃଷ୍ଟି ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ପୋଲିସ କହିଛି, ଗତ ୧୦ ତାରିଖରେ ଅବିନାଶ କ୍ୟାଣ୍ଟିନ୍‌କୁ ସାମଗ୍ରୀ ନେଇ ଫେରିବା ପରେ ତାଙ୍କ ବାଇକ୍ କ୍ୟାଣ୍ଟିନ ସମ୍ମୁଖରେ ନ ଥିବା ଦେଖିବାକୁ ପାଇଥିଲେ। ଏ ନେଇ ସେ ଥାନାର ଦ୍ୱାରସ୍ଥ ହୋଇଥିଲେ।

# ନିୟମ ଉଲ୍ଲଂଘନ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ

### ଲକ୍ଷ୍ମୀ ପୂଜା ପାଇଁ ଟ୍ରାଫିକ ଓ ଆଇନ ଶୃଙ୍ଖଳା ସମୀକ୍ଷା

ଢେଙ୍କାନାଳ,୧୬।୧୦(ରତନ ନାୟାର)



ପୋଲିସ ପ୍ରଶାସନ ପକ୍ଷରୁ ଟ୍ରାଫିକ ଓ ଆଇନ ଶୃଙ୍ଖଳା ସମୀକ୍ଷା କରାଯାଉଛି।

ଢେଙ୍କାନାଳର ପ୍ରସିଦ୍ଧ ଲକ୍ଷ୍ମୀପୂଜା ଆସନ୍ତା ୨୮ ତାରିଖରୁ ଆରମ୍ଭ ହେବ। ତେଣୁ ସହରରେ ହେବାକୁ ଥିବା ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼କୁ ନଜରରେ ରଖି ଜିଲା ପୋଲିସ ପ୍ରଶାସନ ପକ୍ଷରୁ ଟ୍ରାଫିକ ଓ ଆଇନ ଶୃଙ୍ଖଳାର ସମୀକ୍ଷା କରାଯାଇଛି। ସହରସ୍ଥିତ ପୁରୁଣା ଜିଲା ପରିଷଦ ହଲ୍‌ଠାରେ ସୋମବାର ସନ୍ଧ୍ୟା ୬ଟାରେ ଏ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସଭାପତିତ୍ୱ କରି ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର କହିଲେ, ପୂଜା ସମୟରେ ଟ୍ରାଫିକ ନିୟମକୁ ସମସ୍ତେ କଡ଼ାକଡ଼ି ଭାବେ ପାଳନ କଲେ କୌଣସି ସମସ୍ୟା ରହିବ ନାହିଁ । ଟ୍ରାଫିକ ପୋଷ୍ଟ ଗୁଡ଼ିକରେ କୌଣସି ସମସ୍ୟା ନ ଉପୁଜିବା ପାଇଁ ସ୍ଥାନୀୟ ଲୋକମାନେ ମଧ୍ୟ ସେଠାରେ ରହିବାକୁ ଏସ୍‌ପି ଅନୁରୋଧ କରିଥିଲେ। ଏଥିସହ ନିୟମ ଉଲ୍ଲଂଘନ କ୍ଷେତ୍ରରେ ଦୃଢ଼ କାର୍ଯ୍ୟାନୁଷ୍ଠା ନିଆଯିବ ବୋଲି ଏସ୍‌ପି କହିଥିଲେ।

ପୂଜା ସମୟରେ ଅଟୋ ଚାଳକମାନେ ଓଭରଲୋଡ୍ ନେବେ ନାହିଁ। ଲାଇଟ୍ ଗେଟ୍‌ଗୁଡିକ ନିକଟରେ ଭିଡକୁ ଆଡେଇବା ପାଇଁ ସ୍ୱେଚ୍ଛାସେବୀଙ୍କୁ ରଖାଯିବ। ଅଡିଓ ସିଷ୍ଟମରେ ସଚେତନତା ବାର୍ତ୍ତା ଦିଆଯିବ। ପାର୍କିଂ ସ୍ଥାନଗୁଡିକ ପରିଦର୍ଶନ କରାଯିବା ପରେ ପୌରସଂସ୍ଥାଠାରୁ ଅନୁମତି ନିଆଯିବ। ସ୍ଥାନୀୟ ଲୋକମାନେ ନିଜର ବନ୍ଧୁ ବାନ୍ଧବଙ୍କୁ ସନ୍ଧ୍ୟା ପୂର୍ବରୁ ପୂଜା ବୁଲି ଫେରି ଆସିବାକୁ ଅନୁରୋଧ କରିବାକୁ ଏସ୍‌ପି କହିଥିଲେ। ଅତ୍ୟଧିକ ମଦ୍ୟପପାନ କରିଥିବା ବ୍ୟକ୍ତିମାନଙ୍କୁ ଗିରଫ କରାଯିବ। ପୂଜା ସମୟରେ ରାସ୍ତାଗୁଡିକୁ ୫ ଭାଗରେ ବିଭକ୍ତ କରାଯାଇଛି । କଲେଜ ବାଇପାସ୍, ବସଷ୍ଟାଣ୍ଡ, ପୂର୍ତ୍ତବିଭାଗ ଛକ, ମହାବୀର ବଜାର, ଦକ୍ଷିଣକାଳୀ ରୋଡ୍, ଶକୁନ୍ତଳ ଛକ, ଜଗନ୍ନାଥ ରୋଡ୍, ଶାସନ ଛକ, କାଳଟାଙ୍କ୍ସ ରୋଡ୍, କୋରିଆଁ ଛକ ରାସ୍ତା ନଂ.୧ରେ ଯାଉଛି। ରାସ୍ତା ନଂ.୨ରେ କୋରିଆଁ ଛକରୁ ଶାସନ ଛକ, ଜଗନ୍ନାଥ ହସ୍ପିଟାଲ, ସୂର୍ଯ୍ୟ ହୋଟେଲ, ଗାନ୍ଧୀ ମନ୍ଦିର, ବସ୍‌ଷ୍ଟାଣ୍ଡରୁ କଲେଜ ଛକ। ରାସ୍ତା ନଂ. ୩ରେ ଓଭରବ୍ରିଜ୍, ରେଳଷ୍ଟେଶନ ରୋଡ୍, କାଳଟାଙ୍କ୍ସ ଛକରୁ କୋରିଆଁ ବାଇବାସ। ରାସ୍ତା ନଂ. ୪ରେ ଶଙ୍କରପୁର, ମହିଷାପାଟ ଛକ, କଣ୍ଟାନାଳୀ ଛକ, ବଉଳଛକ, ରାମଦାସ ଛକ, ବଳରାମ ମନ୍ଦିର, ରାଜବାଟୀ ଓ ବସ୍‌ଷ୍ଟାଣ୍ଡ ଟ୍ରାଫିକ ଛକ। ୫ନଂ.ରେ ତାରିଣୀ ଛକ, ମେଡିକାଲ ଛକ, ଦକ୍ଷିଣକାଳୀ, ଶକୁନ୍ତଳ ହୋଟେଲ ଓ ଜଗନ୍ନାଥ ରୋଡ୍ ଦେଇ ଯାନବାହାନ ଚଳାଚଳ କରିବ। ପୂଜା ସମୟରେ ଟ୍ରାଫିକ୍ ନିୟମ ମାନିବା ସହିତ ପୋଲିସ ଓ ପ୍ରଶାସନକୁ ସହଯୋଗ କରିବା ପାଇଁ ମିଲିଟବଜାର ପୂଜା କମିଟି ସଭାପତି ଜ୍ଞାନେନ୍ଦ୍ର ବେହେରା ଆହ୍ୱାନ ଦେଇଥିଲେ। ଢେଙ୍କାନାଳ ଲକ୍ଷ୍ମୀପୂଜା ସମ୍ପର୍କରେ ଅଭିଜ୍ଞତା ଥିବା ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯିବା ଉପରେ ଜିଲା ଓକିଲ ସଂଘ ସଭାପତି ଗୋପାଳଚନ୍ଦ୍ର ପାତ୍ର ଗୁରୁତ୍ୱ ପ୍ରଦାନ କରିଥିଲେ। ପୌର ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତ ପୂଜା ପୂର୍ବରୁ ପୌରାଞ୍ଚଳର ସମସ୍ୟା ଉପରେ ଗୁରୁତ୍ୱ ଦିଆଯିବ ବୋଲି କହିଥିଲେ। ଅତିରିକ୍ତ ଏସ୍‌ପି ଭବାନୀ ଶଙ୍କର ଉଦ୍‌ଗାତା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏସ୍‌ଡିପିଓ ବିଭୂତି ଭୂଷଣ ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ। ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନ ଉପସ୍ଥିତ ଥିଲେ। ଡିଏସ୍‌ପି ହରପ୍ରିୟା ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଟାଉନ ଥାନା ଅଧିକାରୀ ରାଜେନ୍ଦ୍ର ମହାପାତ୍ର ପରିଚାଳନାରେ ସହଯୋଗ କରିଥିଲେ।

## ମହିଳା ସମନ୍ୱୟ ବକ୍ତା ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ସାତମାଇଲ,୧୬।୧୦(ସୁଶାନ୍ତ କୁମାର ପତି)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରବିବାର ମହିଳା ସମନ୍ୱୟ ଢେଙ୍କାନାଳ ବିଭାଗର ବକ୍ତା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅଖିଳ ଭାରତୀୟ ସଂଯୋଜିକା ମହିଳା ସମନ୍ୱୟ ବିଭାଗର ସୁଶ୍ରୀ ପ୍ରଜ୍ଞା ମହଲା ଯୋଗଦେଇ ଭାରତୀୟ ଚିନ୍ତନର ମହିଳାଙ୍କ ଭୂମିକା, ଭାରତର ବିକାଶରେ ମହିଳାଙ୍କ ଭୂମିକା ଆଦି ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ସୁଶ୍ରୀ ଦୀପ୍ତିମୟୀ ନାୟକ, ଅଶୋକ କୁମାର ଭଞ୍ଜ, ହୃଦାନନ୍ଦ ଶତପଥୀ, ଆରତୀ ଦ୍ୱିବେଦୀ, ଉଷାରାଣୀ ଦାସ ଯୋଗ ଦେଇଥିଲେ। ଏଥିରେ ୪୫ ଜଣ ମହିଳା ଯୋଗଦେଇ ପ୍ରଶିକ୍ଷଣ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଦୁର୍ଗାଚରଣ ରାଉତ ପରିଚାଳନା କରିଥିଲେ। ବିଦ୍ୟାଳୟର ଗୁରୁଜୀଗୁରୁମା ସହଯୋଗ କରିଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ମହିଳାମାନେ।

## ଜନ୍ମଦିବସରେ ମୁଖ୍ୟମନ୍ତ୍ରୀଙ୍କ ଦୀର୍ଘାୟୁ କାମନା

ବଇଣ୍ଡା,୧୬।୧୦ (ପରିକ୍ଷିତ ସାହୁ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୮ ତମ ଜନ୍ମଦିନ କିଶୋରନଗର ବ୍ଲକ ବିଜେଡି ପକ୍ଷରୁ ସୋମବାର ନାକିଚିଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ଶିବ ମନ୍ଦିରରେ ଦଳର ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ପୂଜାର୍ଚ୍ଚନା କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଦୀର୍ଘାୟୁ କାମନା କରିଥିଲେ। କିଶୋରନଗର ବ୍ଲକ ଅଧ୍ୟକ୍ଷା ଶୈରେନ୍ଦ୍ରୀ ପ୍ରଧାନ, ଜିଲା ପରିଷଦ ସଦସ୍ୟା ଅନୁପମା ସାହୁ, ବିଷ୍ଣୁପ୍ରିୟ ପ୍ରଧାନ, ବିଜେଡି ପର୍ଯ୍ୟବେକ୍ଷକ ରଞ୍ଜନ କୁମାର ସାହୁ, ବ୍ଲକ ବିଜେଡି ସଭାପତି କୁମୁଦ ଚନ୍ଦ୍ର ପ୍ରଧାନ, ବିଜେଡି ନେତା ସନ୍ତୋଷ କୁମାର ପ୍ରଧାନ, ତପନ କୁମାର ପ୍ରଧାନ, ସୁନୀଲ କୁମାର ପ୍ରଧାନ, ଜିତେନ୍ଦ୍ର ବେହେରା, ଯୁବ ବିଜେଡି ବ୍ଲକ ସଭାପତି ଅରୁଣ କୁମାର ସାହୁ, ଧଡରପାଳ ସରପଞ୍ଚ କ୍ଷମାନିଧି ପ୍ରଧାନଙ୍କ ସମେତ ବହୁ ବିଜେଡି କର୍ମୀ ଯୋଗ ଦେଇଥିଲେ।



# କଠିନ ପରିଶ୍ରମ କରିବାକୁ ପରାମର୍ଶ

### ଜିଲାସ୍ତରୀୟ ଶିଶୁ ମହୋତ୍ସବ ମହକ ଓ ଉତ୍ସାହ

ଅନୁଗୋଳ, ୧୬।୧୦ (ଅମିତ କୁମାର ସାମଲ)


ଶିଶୁ ମହୋତ୍ସବ ମହକ ଓ ଉତ୍ସାହ ପାଳନ ଅବସରରେ ମଞ୍ଚାସୀନ ଅତିଥିମାନେ।

ଅନୁଗୋଳ ଜିଲା ପରିଷଦ ସମ୍ମିଳନୀ କକ୍ଷଠାରେ ଜିଲାସ୍ତରୀୟ ଶିଶୁ ମହୋତ୍ସବ ମହକ ଓ ଉତ୍ସାହ ଶିଶୁ ସୁରକ୍ଷା ବିଭାଗ ଏବଂ ଜିଲା ପ୍ରଶାସନ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅନୁଗୋଳ ଜିଲାର ବିଭିନ୍ନ ଶିଶୁ ଯତ୍ନ ଅନୁଷ୍ଠାନରୁ ଶିଶୁମାନେ ଭାଗ ନେଇ ଅନ୍ତର୍ନିହିତ କଳା ଓ ପ୍ରତିଭାର ପ୍ରଦର୍ଶନ କରିଥିଲେ। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂହ ଯୋଗଦେଇ ଶିଶୁମାନଙ୍କୁ ଆତ୍ମନିର୍ଭରଶୀଳ, ନିର୍ଭୀକ ଓ ଦୃଢ଼ମନା ହୋଇ ଏକ ସୁସ୍ଥ ସମାଜ ଗଠନ କ୍ଷେତ୍ରରେ ସାମିଲ ହେବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଶିବାନନ୍ଦ ମହାନ୍ତି, ଜିଲା ଶିକ୍ଷା ଅଧିକାରୀ ସୁସ୍ମିତା ସାହୁ, ଜିଲା ସମାଜ ମଙ୍ଗଳ ଅଧିକାରୀ ସଙ୍ଗୀତା ମହାନ୍ତି, ଜିଲା ସୁରକ୍ଷା ଅଧିକାରୀ ପୌର୍ଣ୍ଣମାସୀ ରଥ, ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ଦୀପ୍ତିମୟୀ ସାହୁ ଯୋଗ ଦେଇଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ କାର୍ଯ୍ୟକ୍ରମରେ କୃତତ୍ୱ ଲାଭ କରିଥିବା ଶିଶୁମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀ ଶଙ୍କର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ଶିଶୁମାନଙ୍କୁ କଠିନ ପରିଶ୍ରମ କରି ଆଗକୁ ଯିବାପାଇଁ ପ୍ରବାର୍ତ୍ତାଇବା ସହିତ ମହକ କାର୍ଯ୍ୟକ୍ରମ ଅନ୍ତର୍ଗତ କୃତୀ ପ୍ରତିଯୋଗୀମାନଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରିଥିଲେ। ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି ବୋଲି ଜିଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଜିଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟର ଝରଣା ନାୟକ, ଅମରେଶ ଜାଲି, ମଧୁସ୍ମିତା ଧଳ, ପ୍ରଦୀପ ନାୟକ, ଦିଲୀପ ନାୟକ, ଛଇଳ ନାୟକ, ସତ୍ୟାନନ୍ଦ ସାହୁ, ସୁମନ ନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ବିଜେଡିରେ ଯୋଗଦେଲେ ଭାଜପା କର୍ମୀ

ପରଜଙ୍ଗ,୧୬।୧୦(ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ଆଖୁଆପାଳ ପଞ୍ଚାୟତର ଭାଜପା କର୍ମୀ ସୁଧାକର ସାହୁ ଏବଂ ୨ନମ୍ବର ୱାର୍ଡମେମ୍ବର କବିତା ସାହୁ ସୋମବାର ବିଜେଡିରେ ସାମିଲ ହୋଇଛନ୍ତି। ପରଜଙ୍ଗ ବିଧାୟକ ଡା. ନୃସିଂହ ଚରଣ ସାହୁଙ୍କ ଡିହଡୋଳସ୍ଥିତ ବାସଭବନରେ ଆୟୋଜିତ ମିଶ୍ରଣ ପର୍ବରେ ସେମାନେ ବିଜେଡିରେ ଯୋଗଦାନ କରିଛନ୍ତି। ବିଧାୟକ ସାହୁ ନୂତନ କର୍ମୀଙ୍କୁ ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଖୁଆପାଳ ସରପଞ୍ଚ ସସ୍ମିତା ସାହୁ, ୧ ନଂ. କ ଜିଲାପରିଷଦ ସଦସ୍ୟା ରୁନୁ ବର୍ମା, ବିଜେଡି ପଞ୍ଚାୟତ ସଭାପତି ସମୀର ସାହୁଙ୍କ ସମେତ ଦଳୀୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।


ପରଜଙ୍ଗ ବିଧାୟକ ନୂତନ ଭାବେ ଯୋଗଦେଇଥିବା କର୍ମୀଙ୍କୁ ବିଜେଡିକୁ ସ୍ୱାଗତ କରୁଛନ୍ତି।

## ସ୍ଥାୟୀ ପଟ୍ଟା ପ୍ରଦାନ ଦାବି

ଅନୁଗୋଳ,୧୬।୧୦(ଅମିତ କୁମାର ସାମଲ)

ଅନୁଗୋଳ ପୌରପାଳିକାର ୧୨ ଓ ୧୫ନଂ. ୱାର୍ଡର ବାସିନ୍ଦାମାନେ ସ୍ଥାୟୀ ପଟ୍ଟା ପ୍ରଦାନ ଦାବିରେ ସୋମବାର ଜିଲାପାଳଙ୍କ ଜନ ଶୁଣାଣିରେ ଫେରାଦ୍ ହୋଇଛନ୍ତି। ଏଥିସହ ଅନୁଗୋଳ ପୌର ନିର୍ବାହୀ ଅଧିକାରୀ ଓ ଅନୁଗୋଳ ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି, ତାମ୍ରିତ କଲୋନୀ ପଛପାର୍ଶ୍ୱରେ ବାସ କରୁଥିବା ପ୍ରାୟ ୨ ଶହ ପରିବାରଙ୍କୁ ଅଦ୍ୟାବଧି ଘରଡ଼ିହ ପଟ୍ଟା ପ୍ରଦାନ କରାଯାଇ ନାହିଁ। ସେମାନଙ୍କୁ ପଟ୍ଟା ପ୍ରଦାନ କରାଯାଇ ଆବାସ ଯୋଜନାରେ ସାମିଲ କରାଯାଉ। ୨ଟି ୱାର୍ଡ଼ରୁ ବବିତା ପ୍ରଧାନ, ସସ୍ମିତା ସାହୁ, ପ୍ରମିତା ପରିଡ଼ା, ସଙ୍ଗୀତା ବେହେରା, ଅର୍ଚ୍ଚନା ମାଝିଙ୍କ ସମେତ ଶତାଧିକ ମହିଳା ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ।

## କଳାକାରଙ୍କ ସମସ୍ୟା ନେଇ ଆଲୋଚନା



କଣିହାଁ,୧୬।୧୦(ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ କଳା ସଂସ୍କୃତି ସଂଘର ପଞ୍ଜୀକୃତ କଳାକାରଙ୍କ ସହିତ ବିଲୁପ୍ତ ଲୋକକଳାକୁ ଜାଗ୍ରତ କରୁଥିବା ମହିଳା ପୁରୁଷ କଳାକାରମାନଙ୍କୁ ସଚେତନତା କରାଯିବା ସହିତ ସେମାନଙ୍କ ସମସ୍ୟା ନେଇ ଆଲୋଚନା କରାଯାଇଛି। କଳାକାରମାନଙ୍କ ଉନ୍ନତି ଓ ଜୀବିକା ନିର୍ବାହ ଦିଗରେ ଲୋକକଳା ବଞ୍ଚିବା ପାଇଁ ବ୍ଲକ କଳା ସଂସ୍କୃତି ସଂଘ ତରଫରୁ ପ୍ରୟାସ ଆରମ୍ଭ ହୋଇଛି। ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ପାଲଲହଡା ବିଧାୟକ ମୁକେଶ କୁମାର ପାଲ, ବ୍ଲକ କଳା ସଂସ୍କୃତି ସଂଘ ସଭାପତିଙ୍କ ନିର୍ଦ୍ଦେଶରେ ଉପସଭାପତି ମହେଶ୍ୱର ସାମଲ, ବରିଷ୍ଠ କଳାକାର ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଏବଂ ସଦସ୍ୟମାନେ ବିଭିନ୍ନ ଗ୍ରାମ ବୁଲିଛନ୍ତି । ରବିବାର ପାଲା କଳାକାର ଗାୟକ, ବାୟକ, ପାଳିଆମାନଙ୍କ ସହିତ ଅନ୍ୟ କଳାକାରଙ୍କ ସମସ୍ୟା ସମ୍ପର୍କରେ ବୁଝିବା ପାଇଁ ବଜ୍ରକୋଟ, ଖୀଣ୍ଡ, ଶୁଆଝରି, ଓଳନ୍ଦା, ଖାଲପାଳ, ନିଳାପଶି, ରେଙ୍ଗାଳି, ଦେନାଳି, ଭୂଇଁପୁର ଆଦି ଗ୍ରାମକୁ ଯାଇ ଆଲୋଚନା କରିଛନ୍ତି।

## ଚାଷୀ, ଶିକ୍ଷାବିତ୍, ସାମାଜିକ କର୍ମୀଙ୍କୁ ସମ୍ବର୍ଦ୍ଧନା

କାମାକ୍ଷାନଗର,୧୬।୧୦(ଅମଜାଦ ଖାନ୍)

ଆମ ପ୍ରତିଭା ଆମ ସମ୍ମାନ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମଦିବସ ପାଳନ କରାଯାଇଛି। ସମାଜରେ ଥିବା ପ୍ରତିଭାକୁ ଲୋକଲୋଚନକୁ ଆଣି ସେମାନଙ୍କୁ ସମ୍ବର୍ଦ୍ଧିତ କରିବା ଓ ଏକ ସୁସ୍ଥ ସମାଜ ଗଠନ କରିବା ଆମ ପ୍ରତିଭା ଆମ ସମ୍ମାନର ମୂଳ ଉଦ୍ଦେଶ୍ୟ। ଏହି ପରିପ୍ରେକ୍ଷୀରେ ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ କନିଷ୍ଠ ମହାବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପରଜଙ୍ଗ ବିଧାୟକ ଡା. ନୃସିଂହଚରଣ ସାହୁ, ଆମ ପ୍ରତିଭା ଆମ ସମ୍ମାନର ସଭାପତି ତଥା ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ସମ୍ପାଦକ କାର୍ତ୍ତିକ ସାହୁ, ଉପସଭାପତି କୋଦଣ୍ଡଧର ସାହୁ, କାମାକ୍ଷାନଗର ନଗରପାଳ ଧର୍ମାନନ୍ଦ ପରିଡ଼ା, ଗନ୍ଦିଆ ବ୍ଲକ ଅଧ୍ୟକ୍ଷା ରିନା ଖଟୁଆ, ଭୁବନ ନଗରପାଳ ଶୁଭେନ୍ଦୁ ସାହୁ, ଜିଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ, ଭୁବନ ବ୍ଲକ ଅଧ୍ୟକ୍ଷା ସିପ୍ରା ବରାଳ, କାମାକ୍ଷାନଗର ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, କଙ୍କଡ଼ାହାଡ଼ ବ୍ଲକ ଅଧ୍ୟକ୍ଷା ଚାରୁଲତା ମିଶ୍ର, ଉପାଧ୍ୟକ୍ଷା ଦୀପା ସାହୁ, କଙ୍କଡ଼ାହାଡ଼ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯଶୋବନ୍ତ ଦେହୁରୀ, ବ୍ଲକ ଶିକ୍ଷା ଅଧିକାରୀ ସାଗର ଗୁପ୍ତ, କନିଷ୍ଠ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରସନ୍ନ କୁମାର ସାହୁ, ଶିକ୍ଷାବିତ୍ ଡକ୍ଟର ପୁଷ୍ପଲତା ରଥ ଓ ବ୍ଲକର ସମସ୍ତ ଜିଲା ପରିଷଦ ସଦସ୍ୟା ସଦସ୍ୟ, ସରପଞ୍ଚ, ସମିତି ସଭ୍ୟ ଉପସ୍ଥିତ ଥିଲେ। ଏଥିରେ ବ୍ଲକର ୨୧ଟି ପଞ୍ଚାୟତର ୧୨୦ ଜଣ ସଫଳ କୃଷକ, ବିଶିଷ୍ଟ ଶିକ୍ଷାବିତ୍, ସାମାଜିକ କର୍ମୀମାନଙ୍କୁ ସମ୍ମାନିତ କରାଯାଇଥିଲା। ସମ୍ପାଦକ କାର୍ତ୍ତିକ ସାହୁ ସହଯୋଗ କରିଥିଲେ।



ଆମ ପ୍ରତିଭା ଆମ ସମ୍ମାନ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମଦିବସ ପାଳନ କରାଯାଉଛି।

# ଜିଲା କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା

### ହାତୀ ପାଇଁ ହୀନସ୍ତା ହେଉଛନ୍ତି ବନ୍ତଳାବାସୀ

ଅନୁଗୋଳ,୧୬।୧୦ (ଅମିତ କୁମାର ସାମଲ)



ଜିଲା କାର୍ଯ୍ୟାଳୟ ସମ୍ମୁଖରେ ସାମାଜିକ ସୁରକ୍ଷା ମଞ୍ଚ ପକ୍ଷରୁ ଗଣଧାରଣା ଦିଆଯାଇଛି।

ହାତୀ ଉପଦ୍ରବରୁ ଜୀବନ ଓ ଜୀବିକାକୁ ରକ୍ଷା କରିବା ଦାବିରେ ଅନୁଗୋଳ ଜିଲା ବନ୍ତଳାର ସାମାଜିକ ସୁରକ୍ଷା ମଞ୍ଚ ପକ୍ଷରୁ ସୋମବାରଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଛି। ପ୍ରଥମ ଦିନରେ ପ୍ରଶାସନ ଏବଂ ବନବିଭାଗର କୌଣସି ଅଧିକାରୀ ଆଲୋଚନା ପାଇଁ ଆସି ନ ଥିବା ଜଣାପଡ଼ିଛି। ମଞ୍ଚ ପକ୍ଷରୁ ରଖାଯାଇଥିବା ଦାବି ଗୁଡ଼ିକ ସମାଧାନ କରିବାରେ ଯଦି ବନ ବିଭାଗ ଓ ପ୍ରଶାସନ ବିଫଳ ହୁଏ, ତେବେ ଗଣ ଆନ୍ଦୋଳନ କରାଯିବ ବୋଲି ମଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି।

ମଞ୍ଚ ପକ୍ଷରୁ କୁହାଯାଇଛି, ଅନୁଗୋଳ ବ୍ଲକ ବନ୍ତଳା ଅଞ୍ଚଳରେ ଦନ୍ତାକୁ ନେଇ ଲୋକେ ଅକଳରେ ପଡ଼ିଛନ୍ତି। ବିଶେଷକରି ୨ଟି ଦନ୍ତା ହାତୀ ଆକ୍ରମଣରେ ଅନେକ ଜୀବନ ଯାଇଥିବାରୁ ସନ୍ଧ୍ୟା ହେଲେ ଗାଁ ଦାଣ୍ଡ ଖାଁ ଖାଁ ହୋଇଯାଉଛି। ଏପରି କି ଫସଲ ନଷ୍ଟ ହୋଇଯାଉଥିବାରୁ ଚାଷୀମାନେ ଚାଷ ଛାଡ଼ିବାକୁ ବସିଥିବାବେଳେ ଯେଉଁମାନେ ଚାଷ ପାଇଁ କ୍ଷେତକୁ ଯାଉଛନ୍ତି, ସେମାନେ ହାତୀ ଆକ୍ରମଣର ଶିକାର ହେଉଛନ୍ତି। ତେଣୁ ମଞ୍ଚ ପକ୍ଷରୁ ୧୨୮ଟି ଗାଁର ମୁରବୀଙ୍କୁ ନେଇ ଧାରଣା ଦିଆଯାଇଛି। ଏହି ଗଣ ଧାରଣା ଜାରି ରହିବ ବୋଲି ମଞ୍ଚ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଯେ ପର୍ଯ୍ୟନ୍ତ ୨ଟି ହାତୀକୁ ଟ୍ରାଙ୍କୁଲାଇଜ୍ କରାଯାଇନାହିଁ ଏହି ଧାରଣା ଜାରି ରହିବ। ଏଥିସହ ମୃତକଙ୍କ ପରିବାର ଲୋକଙ୍କୁ ୬ ଲକ୍ଷ ବଦଳରେ ୧ କୋଟି, ଚାଷୀଙ୍କ ଫସଲ ନଷ୍ଟ ହେଲେ ଉପଯୁକ୍ତ କ୍ଷତିପୂରଣ, ହାତୀକୁ ଜନବସତିରୁ ଜଙ୍ଗଲ ମୁହାଁ କରିବା ଦାବିରେ ଗଣଧାରଣା ଦିଆଯାଇଛି। ଏହି ଗଣଧାରଣାରେ ମଞ୍ଚ ସଭାପତି ପଣ୍ଡିତ ମହେଶ ସାହୁ, କାର୍ଯ୍ୟକାରୀ ସଭାପତି ଆଇନଜୀବୀ ତପନ କୁମାର ଦେହୁରୀ, ସଂଯୋଜକ ଲକ୍ଷ୍ମଣ କୁମାର ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ନିରଞ୍ଜନ ଦେହୁରୀ, ଦୁର୍ଗାଚରଣ ପ୍ରଧାନ, ହରେକୃଷ୍ଣ ପ୍ରଧାନ, ପ୍ରସନ୍ନ ନାଏକ, ସୁଶାନ୍ତ ପ୍ରଧାନ, ଶିବରାମ ଦେହୁରୀ, ସଞ୍ଜୟ ସାହୁ, ବସଲା ସରପଞ୍ଚ ଚନ୍ଦନ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଯୁବକଙ୍କୁ ଅପହରଣ ଅଭିଯୋଗ

ଅନୁଗୋଳ,(ଅମିତ କୁମାର ସାମଲ): ଅନୁଗୋଳ ଜିଲା ବନ୍ତଲା ଥାନା କହ୍ନେଇନଗର ଗ୍ରାମର ବିଷ୍ଣୁଚରଣ ନାଏକଙ୍କୁ ଅପହରଣ କରାଯାଇଥିବା ତାଙ୍କ ସ୍ତ୍ରୀ ବନିତା ନାଏକ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୩୬୭/୨୩ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ବିଷ୍ଣୁଚରଣ ରବିବାର ଟଙ୍କା ଉଠାଇବାକୁ ବନ୍ତଲାକୁ ଯାଇଥିଲେ। ସେ ଟଙ୍କା ଉଠାଇ ଫେରିବା ସମୟରେ ଏକ ବୋଲେରୋରେ କେତେଜଣ ଯୁବକ ଆସି ତାଙ୍କୁ ଅପହରଣ କରି ନେଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

## ସଂକ୍ଷେପରେ

### କାଜୁ ବଗିଚାରୁ ମୃତଦେହ ଜବତ

ରାସୋଳ,୧୬।୧୦(ସରୋଜ ମିଶ୍ର)

ଢେଙ୍କାନାଳ ଜିଲା ହିନ୍ଦୋଳ ଉପଖଣ୍ଡ ରାସୋଳ ଥାନା ବମ୍ପା-ବ୍ରାହ୍ମଣୀଆପାଳ ରାସ୍ତା କଡ଼ରେ ଥିବା ଏକ କାଜୁ ବଗିଚାରୁ ସୋମବାର ଏକ ମୁଣ୍ଡବିହୀନ ମୃତଦେହ ପୋଲିସ ଜବତ କରିଛି। ମୃତଦେଦ ସମ୍ପର୍କରେ ଗୋରୁ ଚରାଳିଙ୍କ ଠାରୁ ଖବରପାଇ ରାସୋଳ ଥାନା ଅଧିକାରୀ ରାଜେନ୍ଦ୍ର ପଟ୍ଟନାୟକ ଓ ଏସ୍ଆଇ ପ୍ରତାପ ଦଳେଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ମୃତକଙ୍କ ପରିଚୟ ମିଳି ନ ଥିବା ପୋଲିସ ସୂତ୍ରରୁ ପ୍ରକାଶ।

### ଚିକିତ୍ସାଧୀନ ବ୍ୟବସାୟୀଙ୍କ ମୃତ୍ୟୁ

ରାସୋଳ,୧୬।୧୦(ସରୋଜ ମିଶ୍ର)

ଢେଙ୍କାନାଳ ଜିଲା ରାସୋଳ ତେଲିଭୂଇଁ ଗ୍ରାମର ବ୍ୟବସାୟୀ ଶରତ କୁମାର ସେଠୀଙ୍କ ସୋମବାର ପୂର୍ବାହ୍ନରେ ୧୦ଟାରେ ମୃତ୍ୟୁ ହୋଇଯାଇଛି। ସେ ଦୀର୍ଘଦିନ ଧରି କିଡ୍‌ନୀ ରୋଗରେ ଆକ୍ରାନ୍ତ ଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୫୧ ବର୍ଷ ବୟସ ହୋଇଥିଲା। ଏହି ଖବର ଜଣାପଡ଼ିବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ସୁନା ମୁକୁଟରେ ଝଲସିବେ ମା' ସୌଭାଗ୍ୟଲକ୍ଷ୍ମୀ

ଢେଙ୍କାନାଳ,୧୬।୧୦(ରତନ ନାୟାର)

**ହୀରକ ଜୟନ୍ତୀ ପାଳନ ପାଇଁ ଗଣେଶ ବଜାରର ପ୍ରସ୍ତୁତି**

■କୋଏମ୍ବାଟୁରର ବିଶାଳ ଶିବଙ୍କ ମୂର୍ତ୍ତି ସଦୃଶ ତୋରଣ

ଢେଙ୍କାନାଳର ପ୍ରସିଦ୍ଧ ଲକ୍ଷ୍ମୀପୂଜା ଉତ୍ସବ ଆସନ୍ତା ୨୮ ରୁ ନଭେମ୍ବର ୧୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଚଳିତବର୍ଷ ୩୯ଟି ପୂଜା ପ୍ରତିଷ୍ଠାନ ପକ୍ଷରୁ ମା'ଙ୍କ ପୂଜା କରାଯିବବ। ଏଥିପାଇଁ ପ୍ରସ୍ତୁତି ଜୋର୍ ଧରିଛି। ଢେଙ୍କାନାଳ ସହର ଏବେଠାରୁ ଚଳଚଞ୍ଚଳ ହୋଇଉଠିଛି। ଏହି ଉପଲକ୍ଷେ ସହରର ୪ନଂ. ପୂଜା ପ୍ରତିଷ୍ଠାନ ଗଣେଶ ବଜାର ପୂଜା କମିଟି ପକ୍ଷରୁ ଚଳିତବର୍ଷ ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ହୀରକ ଜୟନ୍ତୀ ଉତ୍ସବ ଧୁମଧାମରେ ପାଳନ କରାଯିବ। ପୂଜା କମିଟି ପକ୍ଷରୁ ୧କେଜି ୧୦୦ ଗ୍ରାମର ସୁନା ମୁକୁଟ ମା'ଙ୍କ ପାଇଁ ନିର୍ମାଣ ସରିଛି। ଏଥିପାଇଁ ପ୍ରାୟ ଦେଢ଼ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି ବୋଲି କମିଟି ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।



ଗଣେଶ ବଜାରଠାରେ ନିର୍ମାଣ ହେଉଥିବା ତୋରଣ।

ଚଳିତବର୍ଷ ଗଣେଶ ବଜାର ପୂଜା ପ୍ରତିଷ୍ଠାନ ପକ୍ଷରୁ ମା' ସୌଭାଗ୍ୟଲକ୍ଷ୍ମୀଙ୍କୁ ସ୍ୱର୍ଣ୍ଣ ଅଳଙ୍କାର ଲାଗି କରାଯିବାର ସମସ୍ତ ବ୍ୟବସ୍ଥା କରାଯାଇଛି। ସୁବର୍ଣ୍ଣ ମୁକୁଟ ନିର୍ମାଣ କରାଯାଇଥିବା ବେଳେ ପୂର୍ବରୁ ଗୋଟିଏ ହାର, ସିନ୍ଥି, କାନଫୁଲ ଆଦି ରହିଛି। ଗତ ୨୦୧୮ ମସିହାରେ ୨ କୁଇଣ୍ଟାଲ ୭୫ କେଜିର ଚାନ୍ଦିରେ ମେଢ କରାଯାଇଥିଲା। ସେହିପରି ଚଳିତବର୍ଷ ମଧ୍ୟ ତାମିଲନାଡୁର କୋଏମ୍ବାଟୁରଠାରେ ଥିବା ବିଶାଳ ଶିବଙ୍କ ମୂର୍ତ୍ତି ସଦୃଶ ତୋରଣ ନିର୍ମାଣ କରାଯାଉଛି। ଏଥିପାଇଁ ୧୫ଲକ୍ଷ ଟଙ୍କା ବ୍ୟୟ ଅଟକଳ ହୋଇଛି। ସେହିପରି ଢେଙ୍କାନାଳରେ ହାତୀ-ମଣିଷ ବିବାଦ ରାଜ୍ୟରେ ପ୍ରଥମ ସ୍ଥାନରେ ରହିଥିବାରୁ ହାତୀ-ମଣିଷ ଉଭୟ ସୁରକ୍ଷିତ ରହିବା ପାଇଁ ସଚେତନତାର ବାର୍ତ୍ତା ପ୍ରଦାନ ନିମନ୍ତେ ପାର୍ଶ୍ୱ ମୂର୍ତ୍ତି ମଧ୍ୟ ନିର୍ମାଣ କରାଯାଉଛି। ଚଳିତବର୍ଷ ୯ଦିନ ବ୍ୟାପୀ ହୀରକ ଜୟନ୍ତୀ ଉତ୍ସବ ପାଳନ କରାଯିବ। ଭସାଣି ଉତ୍ସବରେ ପାରମ୍ପରିକ ଲୋକବାଦ୍ୟ ଓ ନୃତ୍ୟକୁ ପ୍ରାଧାନ୍ୟ ଦିଆଯିବ। ବିଶେଷକରି ପୂଜା ପ୍ରତିଷ୍ଠାନ ପକ୍ଷରୁ କେରଳ, ମହାରାଷ୍ଟ୍ର ସମେତ ଓଡ଼ିଶାର ବିଭିନ୍ନ ଜିଲାର ପାରମ୍ପରିକ ଲୋକବାଦ୍ୟ ଓ ନୃତ୍ୟକୁ ସାମିଲ କରାଯିବ ବୋଲି ସମ୍ପାଦକ ବିଶ୍ୱନାଥ ବେହେରା ସୂଚନା ଦେଇଛନ୍ତି। ୧୯୪୮ରେ ପ୍ରଥମେ ଗଣେଶ ବଜାର ପୂଜା କମିଟି ପକ୍ଷରୁ ପୂଜା ପାଳନ କରାଯାଇଥିବା ବେଳେ ଦେବଦାରୁ ଡାଳରେ ଛାମୁଣ୍ଡିଆ କରାଯାଇଥିଲା। ସେ ସମୟରେ ୫୬ ଟଙ୍କା ଖର୍ଚ୍ଚ ହୋଇଥିଲା। ସ୍ୱର୍ଗତ ବାବାଜୀ ମଧୁସୂଦନ ଦାସ, ଦଣ୍ଡପାଣୀ ଦୋରା, କୁଞ୍ଜ ବିହାରୀ ସାହୁ, ଶ୍ୟାମସୁନ୍ଦର ସାହୁ, ନାଥ ସାହୁ, ମାୟାଧର ନାୟକ, ରଘୁନାଥ ମହାରଣା, ଶ୍ରୀଧର ବାରିକ ପ୍ରମୁଖ ପୂଜା ଉତ୍ସବ ଆରମ୍ଭ କରିଥିଲେ। ବର୍ତ୍ତମାନ ପ୍ରତିଯୋଗିତାମୂଳକ ଯୁଗରେ କଂକ୍ରିଟ ପୂଜା ମଣ୍ଡପରେ ରଙ୍ଗିନ ଆଲୋକମାଳା, ବିଶାଳ ତୋରଣ ଏବଂ ନୃତ୍ୟ ସଙ୍ଗୀତ କାର୍ଯ୍ୟକ୍ରମକୁ ନେଇ ପ୍ରାୟ ଅଢେଇ କୋଟି ଟଙ୍କା ଖର୍ଚ୍ଚ ହେଉଥିବା ପୂଜା କମିଟି ଅଧ୍ୟକ୍ଷ ଶେଖ ହୁସେନ, ସଭାପତି ବସନ୍ତ ସାହୁ, କାର୍ଯ୍ୟକାରୀ ସଭାପତି ଶରତ କୁମାର ସାହୁ, ସମ୍ପାଦକ ବିଶ୍ୱନାଥ ବେହେରା, ଟ୍ରଷ୍ଟ ଅଧ୍ୟକ୍ଷ ଶେଖ ନଇମ୍, ଟ୍ରଷ୍ଟ ସମ୍ପାଦକ ଅତୁଲ କୁମାର ନାୟକ ଓ ପୂଜା କମିଟି ସଦସ୍ୟ ଜି. ଶଙ୍କର ଦୋରା ପ୍ରମୁଖ ସୂଚନା ଦେଇଛନ୍ତି ।



ସୁନା ମୁକୁଟ।

## ଅସଦାଚରଣ ଅଭିଯୁକ୍ତ ଗିରଫ

ଛେଣ୍ଡିପଦା,୧୬।୧୦(ଅଜିତ ଧଳ)

ଅନୁଗୋଳ ଜିଲା ବାଗଡିଆ ଥାନା ଅଞ୍ଚଳର ଜନୈକା ନାବାଳିକାଙ୍କୁ ଅସଦାଚରଣ କରିବା ଅଭିଯୋଗରେ ତପନ ପ୍ରଧାନଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସମ୍ପୃକ୍ତା ନାବାଳିକା ଘରେ ଏକୁଟିଆ ଥିବା ଦେଖି ତପନ ତାଙ୍କୁ ଅସଦାଚରଣ କରିଥିବା ନେଇ ନାବାଳିକାଙ୍କ ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ଅଭିଯୋଗକୁ ଭିତ୍ତିକରି ଥାନାରେ ନଂ. ୧୯୯/୨୩ରେ ଏକ ମାମଲା ରୁଜୁ କରାଯାଇଥିଲା। ଏସ୍ଆଇ କାଳନ୍ଦୀ ଚରଣ ରାଉତ ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲେ।

## ମଦ ଜବତ, ୩ ଗିରଫ

ଛେଣ୍ଡିପଦା,୧୬।୧୦(ଅଜିତ ଧଳ)

ଅନୁଗୋଳ ଜିଲା ଅବକାରୀ ବିଭାଗ ପକ୍ଷରୁ ନିଶା ଶିଳ୍ପାଞ୍ଚଳ ଥାନା ଓ ଛେଣ୍ଡିପଦା ଥାନା ଅଞ୍ଚଳରେ ଚଢ଼ାଉ କରାଯାଇ ୬୯ ଲିଟର ଦେଶୀ ମହୁଲି ମଦ ଜବତ କରାଯାଇଛି। ଏଥିସହ ୩ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ନିଶା ଗ୍ରାମର ଅରୁଣ ପରିଡାଙ୍କ ଘରୁ ୨୮ଲିଟର ଓ ପ୍ରତାପ ପ୍ରଧାନଙ୍କ ଘରୁ ୨୩ ଲିଟର ଓ କୋଶଳା ଗ୍ରାମର ସହଦେବ ବେହେରାଙ୍କ ଠାରୁ ୧୮ ଲିଟର ଚୋରା ଦେଶୀ ମହୁଲି ମଦ ଜବତ କରିବା ସାହିତ ସେମାନଙ୍କୁ ଗିରଫ କରାଯାଇଛି। ଅବକାରୀ ବିଭାଗ ପକ୍ଷରୁ ଏ ନେଇ ୩ଟି ମାମଲା ରୁଜୁ କରାଯାଇଛି।

# ମୃତ ଯବାନଙ୍କ ପରିବାରକୁ ସହାୟତା

ଢେଙ୍କାନାଳ,୧୬।୧୦(ରତନ ନାୟାର)

ସିକିମ୍‌ରେ ବାଦଲଫଟା ବର୍ଷା ପରେ ଆସିଥିବା ବନ୍ୟାରେ ଭାସିଯାଇ ପ୍ରାଣ ହରାଇଥିବା ଢେଙ୍କାନାଳ ଜିଲା ଭୁବନ ବ୍ଲକ କେନ୍ଦୁଡିପ ଗ୍ରାମର ଯବାନ ସରୋଜ ଦାସଙ୍କ ପରିବାରକୁ ଜିଲାପାଳ ସରୋଜ କୁମାର ସେଠୀ ୫୦ ହଜାର ଟଙ୍କାର ସହାୟତା ପ୍ରଦାନ କରିଛନ୍ତି। ସୋମବାର ଜିଲାପାଳ ସେଠୀ ମୃତ ଯବାନଙ୍କ ବାସଭବନରେ ପହଞ୍ଚି ପରିବାର ଲୋକଙ୍କ ସହିତ କିଛି ସମୟ ବିତାଇଥିଲେ। ପରିବାର ଲୋକଙ୍କୁ ସମବେଦନା ଜଣାଇବା ସହ ରେଡ୍‌କ୍ରସ୍ ପାଣ୍ଠିରୁ ୫୦ ହଜାର ଟଙ୍କାର ସହାୟତା ରାଶି ମୃତ ଯବାନଙ୍କ ସ୍ତ୍ରୀ ଲୋପାମୁଦ୍ରା ବେହେରାଙ୍କୁ ପ୍ରଦାନ କରିଥିଲେ। ଏହି ଅବସରରେ ମୃତ ସରୋଜଙ୍କ ମାତାପିତା ମଧ୍ୟ ଉପସ୍ଥିତ ଥିଲେ। ଜିଲା ଜରୁରୀ ଓ ଆପତକାଳୀନ ଅଧିକାରୀ ଲୋପମୁଦ୍ରା ରଥ ଉପସ୍ଥିତ ଥିଲେ।



ଶହୀଦ ସରୋଜଙ୍କ ପରିବାରକୁ ଜିଲାପାଳ ସହାୟତା ପ୍ରଦାନ କରୁଛନ୍ତି।

## ଏଟିଏମ୍ କାର୍ଡ ବଦଳାଇ ଟଙ୍କା ଲୁଟ

ଅନୁଗୋଳ,୧୬।୧୦(ଅମିତ କୁମାର ସାମଲ)

ଅନୁଗୋଳ ଭାରତୀୟ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖା ପାର୍ଶ୍ୱରେ ଥିବା ଏଟିଏମ୍‌ରେ କାର୍ଡ ବଦଳାଇ ୧ ଲକ୍ଷ ୮୧ ହଜାର ଟଙ୍କା ଲୁଟ୍ କରାଯାଇଛି। ଏ ନେଇ ଶୁଖୁଡ଼ା ଗ୍ରାମର ଅବସରପ୍ରାପ୍ତ ପୋଲିସ କର୍ମଚାରୀ ବିଭୂତି ଭୂଷଣ ପ୍ରଧାନଙ୍କ ସ୍ତ୍ରୀ ରଞ୍ଜୁବାଳା ମହାପାତ୍ର ଅନୁଗୋଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୫୦୬/୨୩ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ଥାନା ଅଧିକାରୀ ଧୀରେନ କୁମାର ଦାସ ସୂଚନା ଦେଇଛନ୍ତି। ପୋଲିସ କହିଛି, ଗତ ୩୦ ତାରିଖରେ ରଞ୍ଜୁବାଳା ଏଟିଏମ୍‌କୁ ଆସି ୪ ଥରରେ ୩୮,୦୦୦ ଟଙ୍କା ଉଠାଇଥିଲେ। ଏହି ସମୟରେ ଜଣେ ଦୁର୍ବୃତ୍ତ ଚଞ୍ଚକତା କରି ତାଙ୍କ ଏଟିଏମ୍ କାର୍ଡକୁ ବଦଳାଇ ଦେଇଥିଲେ। ଏହାପରେ ତାଙ୍କ ଆକାଉଣ୍ଟରୁ ଟଙ୍କା ଉଠାଇ ନେଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

# ସାହିତ୍ୟ କୃତି ସମ୍ପର୍କରେ ଆଲୋଚନା

**ଅଖିଳ ଭାରତୀୟ ସାହିତ୍ୟ ପରିଷଦର ବାର୍ଷିକ ଉତ୍ସବ**

ଢେଙ୍କାନାଳ,୧୬।୧୦(ରତନ ନାୟାର)

ଢେଙ୍କାନାଳ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସଭାଗୃହରେ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଢେଙ୍କାନାଳ ଜିଲା ଶାଖାର ପ୍ରଥମ ବାର୍ଷିକ ଉତ୍ସବ ସୋମବାର ପାଳିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ଡ. ଦୁର୍ଗାମାଧବ ପୃଷ୍ଟି ଏଥିରେ ଅଧ୍ୟକ୍ଷତା କରି ଭାଗବତ ଟିକାକାର ସାଧୁ ଶ୍ରୀଧର ସ୍ୱାମୀଙ୍କ ସ୍ତୁତିଚାରଣ କରିବା ସହିତ ତାଙ୍କ ସାହିତ୍ୟ କୃତି ସମ୍ପର୍କରେ ଆଲୋଚନା କରିଥିଲେ। ସାଧାରଣ ସମ୍ପାଦକ କବି ବାହାଦୁର ପାଟସାହାଣୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥି ଭାବେ ଅଖିଳ ଭାରତୀୟ ସାହିତ୍ୟ ପରିଷଦର ସାଧାରଣ ସମ୍ପାଦକ ଡ. ସନ୍ତୋଷ ମହାପାତ୍ର, ମୁଖ୍ୟବକ୍ତା ପଣ୍ଡିତ ଦିବାକର ନନ୍ଦ, ସମ୍ମାନିତ ବକ୍ତା ଭାବରେ ଡ. ପ୍ରମୋଦ ନାୟକ, ଡ. ପ୍ରଫୁଲ୍ଲ ପାଣି ଓ ପ୍ରାଧ୍ୟାପକ ରମେଶ ସାହୁ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଅନୁଷ୍ଠାନର ଉପସଭାନେତ୍ରୀ ପ୍ରଭାତୀ ମହାପାତ୍ରଙ୍କ ସଭାପତିତ୍ୱରେ ଏକ ଆଧ୍ୟାତ୍ମିକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ମଙ୍ଗରାଜ ମହାପାତ୍ର ଓ ମମତା ମହନ୍ତ କବିତା ସଂଯୋଜନା କରିଥିଲେ। ଏଥିରେ ୫୦ରୁ ଊର୍ଦ୍ଧ୍ୱ କବି କବିତା ପାଠ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଅନୁଷ୍ଠାନ ସଙ୍ଗଠନ ସମ୍ପାଦକ ମନୋଜ ସାହୁ ପରିଚାଳନା କରିଥିଲେ। ଏହି ଅବସରରେ ଡ. ଦୁର୍ଗାମାଧବ ପୃଷ୍ଟିଙ୍କ 'ଭାଷା ବିଜ୍ଞାନୀ ଗୋଲେଙ୍କ ବିହାରୀ ଧଳଙ୍କ ଜୀବନୀ', ପ୍ରାଧ୍ୟାପକ ରମେଶ ଚନ୍ଦ୍ର ସାହୁଙ୍କ କବିତା ପୁସ୍ତକ ସତ୍ୟବତୀ ଓ ଡ. ପ୍ରମୋଦ ନାୟକଙ୍କ ପୁସ୍ତକ ସମର୍ପଣକୁ ଉନ୍ମୋଚନ କରାଯାଇଥିଲା। ସୁଶ୍ରୀ ଲଗ୍ନଜିତା ସ୍ୱସ୍ତି ବଚନ ପାଠ କରିଥିଲେ। ରାଜ୍ୟ କର୍ମକର୍ତ୍ତା ବାସୁଦେବ ସାହୁ ଓ ନାରାୟଣ ନାୟକ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକାରିଣୀ ସଭ୍ୟ ଡ. ପ୍ରମୋଦ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।



ଅଖିଳ ଭାରତୀୟ ସାହିତ୍ୟ ପରିଷଦର ବାର୍ଷିକ ଉତ୍ସବ ଅବସରରେ ମଞ୍ଚାସୀନ ଅତିଥିମାନେ।

# କଟକ, ଭୁବନେଶ୍ୱରକୁ ନୂତନ ଟ୍ରେନ୍ ଦାବି

ଢେଙ୍କାନାଳ,୧୬।୧୦ (ରତନ ନାୟାର)

ଢେଙ୍କାନାଳରୁ କଟକ ଓ ଭୁବନେଶ୍ୱରକୁ ନରାଜ ଦେଇ ଆଉ ଏକ ଟ୍ରେନ୍ ଚଳାଚଳ କରିବା ପାଇଁ ଢେଙ୍କାନାଳ-ଅନୁଗୋଳ ରେଳଯାତ୍ରୀ ସଂଘ ପକ୍ଷରୁ ଏକ ଦାବିପତ୍ର ଏମ୍‌ପି ମହେଶ ସାହୁଙ୍କୁ ପ୍ରଦାନ କରାଯାଇଛି। ଦାବିପତ୍ରରେ ଉଲ୍ଲେଖ ଅଛି, ୪୦ ବର୍ଷ ହେବ ଢେଙ୍କାନାଳ, ଅନୁଗୋଳ ଓ ତାଳଚେର ଅଞ୍ଚଳରୁ ଦୈନିକ ଯିବା ଆସିବା କରୁଥିବା ବହୁ ସଂଖ୍ୟାରେ ଛାତ୍ରୀଛାତ୍ର, ରୋଗୀ, ବ୍ୟବସାୟୀଙ୍କ ପାଇଁ ଏକ କମ୍ପ୍ୟୁଟର ଟ୍ରେନ୍ ଚଳାଚଳ କରୁଛି । ଏହି ଟ୍ରେନ୍‌କୁ ଫାଷ୍ଟ ପାସେଞ୍ଜର କୁହାଯାଉଛି, ଯାହାକି ଏବେ ମେମୁ ଟ୍ରେନରେ ପରିଣତ ହେଲାଣି। ପ୍ରଥମେ ଏହା ଭୁବନେଶ୍ୱର, ପରେ ଖୋର୍ଦ୍ଧାରୋଡ ଓ ଏବେ ପୁରୀ ପର୍ଯ୍ୟନ୍ତ ଏହା ଯାଉଛି। ପ୍ରବଳ ଭିଡ଼ ଯୋଗୁ ଏହି ଟ୍ରେନ ଚଳାଚଳରେ ଅହେତୁକ ବିଳମ୍ବ ହେଉଛି। ଫଳରେ ଚାକିରିଆ, ଛାତ୍ରୀଛାତ୍ର ଓ ବ୍ୟବସାୟୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସଂକ୍ରାନ୍ତରେ ଦୃଷ୍ଟି ଆକର୍ଷଣ କରିବା ପରେ ମଧ୍ୟ ରେଳବାଇ କର୍ତ୍ତୃପକ୍ଷ କର୍ଣ୍ଣପାତ କରୁନାହାନ୍ତି। ମେମୁ ଆଗରେ ମାଲଗାଡି ବହୁ ସଂଖ୍ୟାରେ ଯିବା ବିଳମ୍ବର ଅନ୍ୟ ଏକ ହୋଇଛି। ଅନ୍ୟପଟେ ସକାଳ ୭ଟାରୁ ସନ୍ଧ୍ୟା ୭ଟା ମଧ୍ୟରେ କଟକକୁ କୌଣସି ଟ୍ରେନ ନାହିଁ। ତେଣୁ ଅନୁଗୋଳରୁ ପୁରୀ ଚାଲୁଥିବା ମେମୁ ଟ୍ରେନ୍‌କୁ ନିୟମିତ ଠିକ୍ ସମୟରେ ଚଳାଇବା, ସେଥିରେ ବଗି ସଂଖ୍ୟା ବଢାଇବା ଏବଂ ଢେଙ୍କାନାଳରୁ ଆଉ ଏକ ଟ୍ରେନ୍ ଭୁବନେଶ୍ୱରକୁ କଟକ ଓ ନରାଜ ଦେଇ ଚଳାଇବା ପାଇଁ ରେଳଯାତ୍ରୀ ସଂଘ ପକ୍ଷରୁ ଏମ୍‌ପିଙ୍କ ନିକଟରେ ଦାବି କରାଯାଇଥିବା ସଭାପତି ଲକ୍ଷ୍ମୀ ପ୍ରସାଦ ପଟ୍ଟନାୟକ ଓ ସମ୍ପାଦକ ବଦ୍ରି ନାରାୟଣ ମିଶ୍ର ଜଣାଇଛନ୍ତି।



ନୂତନ ଟ୍ରେନ ଚଳାଚଳ ପାଇଁ ଏମ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ଅବସରପ୍ରାପ୍ତ କର୍ମଚାରୀଙ୍କ ବୈଠକ

ଢେଙ୍କାନାଳ,୧୬।୧୦(ରତନ ନାୟାର)

ଢେଙ୍କାନାଳ ସହର ଉପକଣ୍ଠ ଶ୍ୟାମାଚରଣପୁରସ୍ଥିତ ସେଆର ଅନୁଷ୍ଠାନର ସଭା ଗୃହରେ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ଅବସରପ୍ରାପ୍ତ କ୍ଷେତ୍ର କର୍ମଚାରୀମାନଙ୍କ ଏକ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଜିଲା ପଞ୍ଚାୟତ ଅଧିକାରୀ ନିରଞ୍ଜନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏହି ବୈଠକରେ ସଂଘର ଏକ କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିଲା। ସର୍ବସମ୍ମତି କ୍ରମେ ଏଥିରେ ସଂଘ ସଭାପତି ଭାବେ କିଶୋର ଚନ୍ଦ୍ର ମହାପାତ୍ର, ସମ୍ପାଦକ ହିରଣ୍ୟ କୁମାର ବରାଳ, ଉପସଭାପତି ବିନୋଦ ଖୁଣ୍ଟିଆ ଓ କୋଷାଧ୍ୟକ୍ଷ ଭାବେ ଅର୍ଜୁନ କୁମାର ରାଉଳଙ୍କୁ ମନୋନୀତ କରାଯାଇଥିଲା। ଉପଦେଷ୍ଟା ଭାବେ ନିରଞ୍ଜନ ମିଶ୍ର ଓ ସୁଦାମ ଦାସଙ୍କୁ ମନୋନୀତ କରାଯାଇଥିଲା। ଆଗାମୀ ଦିନରେ ସଂଘ ପକ୍ଷରୁ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା। ସାମାଜିକ କାର୍ଯ୍ୟକ୍ରମ କରାଯିବା ପାଇଁ ମଧ୍ୟ ନିଷ୍ପତ୍ତି ନିଆଯାଇଥିଲା ।




ବୈଠକରେ ଅବସରପ୍ରାପ୍ତ କ୍ଷେତ୍ର କର୍ମଚାରୀମାନେ।

# ମହିଳାଙ୍କ ଉନ୍ନତିରେ ଭାଗୀଦାରି ହେବାକୁ ଆହ୍ୱାନ

ଢେଙ୍କାନାଳ,୧୬।୧୦(ରତନ ନାୟାର)

ଆନ୍ତର୍ଜାତିକ ସ୍ୱେଚ୍ଛାସେବୀ ମହିଳା ସଙ୍ଗଠନ ଇନରହ୍ୱିଲ ଚେୟାରମ୍ୟାନ ରସିକା ବାହାଦୂର ସୋମବାର ଢେଙ୍କାନାଳ ଇନରହ୍ୱିଲ କ୍ଲବ ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେ ସଦର ବ୍ଲକ ମହୁଲପଡାସ୍ଥିତ ବିଶ୍ୱ କୁନ୍ତଳ ଶିଶୁ ଗୃହ ବୁଲି ଦେଖିବା ସହ ସେଠାରେ ନବରାତ୍ରୀ ଉପଲକ୍ଷେ କନ୍ୟା ପୂଜା ପାଇଁ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପ୍ରଦାନ କରିଥିଲେ। ଜରାଶ୍ରମ ଆଶ୍ରମଠାରେ ମଧ୍ୟ ଅନ୍ତେବାସୀଙ୍କୁ ୪ଟି ପଙ୍ଖା, ବେଡସିଟ୍ ସହ ଶୁଖିଲା ଖାଦ୍ୟ ପ୍ରଦାନ କରିଥିଲେ। ଢେଙ୍କାନାଳ ଇନରହ୍ୱିଲ କ୍ଲବ ସଭାପତି ଗାୟିତ୍ରୀ ହିଣ୍ଡୋଚାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଚେୟାରମ୍ୟାନ ରସିକା ବାହାଦୁର କ୍ଲବର ଚଳିତବର୍ଷର କାର୍ଯ୍ୟଧାରାକୁ ପ୍ରଶଂସା କରିବା ସହ ମହିଳା ଓ ବାଳିକାଙ୍କ ଉନ୍ନତିରେ ଭାଗୀଦାର ହେବାକୁ ପରାମର୍ଶ ଦେଇଥିଲେ। ସମ୍ପାଦିକା ଶ୍ରଦ୍ଧା ଅଗ୍ରୱାଲ କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ପର୍ବତାରୋହିଣୀ ବିଭାରାଣୀ ପାଟରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ୨ଜଣ ଆର୍ଥିକ ଦୁର୍ବଳ ମହିଳାଙ୍କୁ ସିଲେଇ ମେଶିନ ଓ ସାଇକେଲ ପ୍ରଦାନ କରାଯାଇଥିଲା। ସମ୍ପାଦିକା ତୃପ୍ତି ନନ୍ଦଙ୍କ ଦ୍ୱାରା ପ୍ରସ୍ତୁତ ସ୍ମରଣିକା ଜାଗୃତୀ ଲୋକାର୍ପିତ ହୋଇଥିଲା। ନୂତନ ସଦସ୍ୟା ଭାବେ ଯୁବରାଣୀ ମିନାଲ କୁମାରୀ ସିଂହଦେଓଙ୍କୁ ଚେୟାରମ୍ୟାନ ଶପଥପାଠ କରାଇଥିଲେ। ଶାସ୍ୱତି ଦାସଗୁପ୍ତା ପରିଚାଳନା କରିଥିଲେ। ସରିତ ଅଗ୍ରୱାଲ, ପ୍ରତିମା ସିହ୍ନା, ଜୟଲକ୍ଷ୍ମୀ ଦାସ, ସସ୍ମିତା ଆଚାର୍ଯ୍ୟ, ଅର୍ଚ୍ଚନା ମହାପାତ୍ର, ଈଶ୍ୱରୀ ଝାୱର, ମଧୁଛନ୍ଦା ସାହୁ, ଦୀପ୍ତିମୟୀ ଲେଙ୍କା, ଦୀପାଞ୍ଜଳି ନନ୍ଦ, ରୋଜାଲିନ ସ୍ୱାଇଁ, ଉଷା ଅଗ୍ରୱାଲ, ମମତା ପୁହାଣ, ଅପର୍ଣ୍ଣା ରଥ ଓ ଚନ୍ଦ୍ରିକା ସିଂହଦେଓ ପ୍ରମୁଖ ସହଯୋଗ କରିଥିଲେ।




ଚେୟାରମ୍ୟାନ ରସିକା ବାହାଦୂରଙ୍କ ସହିତ ଢେଙ୍କାନାଳ ଇନରହ୍ୱିଲ କ୍ଲବର ସଦସ୍ୟାମାନେ।

# ୨୯ରୁ ମହିଷାପାଟ ପଡ଼ିଆରେ ପଲ୍ଲିଶ୍ରୀ ମେଳା

■୨୦୦ ଷ୍ଟଲ ବ୍ୟବସ୍ଥା, ଦୈନିକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ

■ଓଡ଼ିଶାର ବିଭିନ୍ନ ଜିଲା, ବାହାର ରାଜ୍ୟର ହସ୍ତଶିଳ୍ପକୁ ସାମିଲ କରାଯିବ

ଢେଙ୍କାନାଳ,୧୬।୧୦(ରତନ ନାୟାର)

ଲକ୍ଷ୍ମୀପୂଜା ଅବସରରେ ଢେଙ୍କାନାଳ ମହିଷାପାଟ ପଡିଆଠାରେ ପଲ୍ଲିଶ୍ରୀ ମେଳା ଆସନ୍ତା ୨୯ ତାରିଖରୁ ଆରମ୍ଭ ହେବ। ଏହା ନଭେମ୍ବର ୭ ପର୍ଯ୍ୟନ୍ତ ଚାଲିବ। ଏହି ଉପଲକ୍ଷେ ସୋମବାର ଅପରାହ୍ନ ସାଢେ ୩ଟାରେ ଜିଲା କାର୍ଯ୍ୟାଳୟର ସଦ୍‌ଭାବନା ହଲ୍‌ଠାରେ ଜିଲାପାଳ ସରୋଜ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଚଳିତବର୍ଷ ମେଳାରେ ମୋଟ ୨୦୦ ଷ୍ଟଲ ପଡ଼ିବ। ଏଥିମଧ୍ୟରେ ମିଶନଶକ୍ତି ପାଇଁ ୨୦ଟି, ହସ୍ତଶିଳ୍ପ ପାଇଁ ୧୦, ଖାଦ୍ୟ ପାଇଁ ୧୨ଟି ଷ୍ଟଲ ରଖାଯିବ। ଓଡ଼ିଶାର ବିଭିନ୍ନ ଜିଲା ସମେତ ବାହାର ରାଜ୍ୟର ହସ୍ତଶିଳ୍ପ ପ୍ରଦର୍ଶନ ଓ ବିକ୍ରୟ ଏହି ମେଳାରେ ହେବ। ମେଳାରେ ଦୈନିକ ୨୦ ହଜାର ଲୋକଙ୍କ ସମାଗମକୁ ଦୃଷ୍ଟିରେ ରଖି ଟ୍ରାଫିକ ଓ ଅଗ୍ନି ନିର୍ବାପକ ବ୍ୟବସ୍ଥା କଡାକଡି କରାଯିବ ବୋଲି ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର କହିଥିଲେ। ସଫେଇ କାର୍ଯ୍ୟକୁ ଠିକ୍ ଭାବରେ କରାଯିବ। ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସମ୍ଭାବ୍ୟ ଅଘଟଣକୁ ନଜରରେ ରଖି ମେଳା ପାଇଁ ୫ କୋଟି ଟଙ୍କାର ବୀମା କରାଯିବ ବୋଲି ଓସ୍‌ମାସ ଡେପୁଟି ସିଇଓ ସୌରଭମୟ ଦାସ ସୂଚନା ଦେଇଥିଲେ। ମେଳାର ପ୍ରଚାର ଓ ପ୍ରସାରଣ ଉପରେ ଗୁରୁତ୍ୱ ପ୍ରଦାନ କରି ପ୍ରତିଦିନ ବ୍ୟବସାୟ ସମ୍ପର୍କିତ ତଥ୍ୟ ଗଣମାଧ୍ୟମକୁ ପ୍ରଦାନ କରିବା ନିମନ୍ତେ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦିଲୀପ କୁମାର ବିଶ୍ୱାଳ, ଜିଲା ପରିଷଦ ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଢେଙ୍କାନାଳ ଉପଜିଲାପାଳ ନାରାୟଣ ଚନ୍ଦ୍ର ନାୟକ ଓ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ଅତିରିକ୍ତ ଜିଲାପାଳ(ସାଧାରଣ) ରମେଶ ଚନ୍ଦ୍ର ସେଠୀ ଧନ୍ୟବାଦ ପ୍ରଦାନ କରିଥିଲେ।



ପଲ୍ଲିଶ୍ରୀ ମେଳା ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

